# ଭୁବନେଶ୍ୱର ସିଟି



## ଅଜଣା ଗାଡ଼ି ଧକ୍କାରେ ୨ ମୃତ

ଭୁବନେଶ୍ୱର/ଯାଁଳା,୨୨।୨(ସମିସ): ଶନିବାର ସନ୍ଧ୍ୟା ୭ଟା ବେଳେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭୁଆସୁଣୀ ଓଭରବ୍ରିଜ୍ ଉପରେ ଏକ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଜଣାପଡ଼ି ନାହିଁ। ସେହିଭଳି ବିଳମ୍ବିତ ରାତିରେ ପଳାଶୁଣୀ ଛକରେ ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଜଣାପଡ଼ି ନାହିଁ। ଖବରପାଇ ମଞ୍ଚେଶ୍ୱର ଥାନା ପୁଲିସ ମୃତକଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଛି।

ମିଳିଥିବା ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରେ ଜଣେ ଅଜଣା ବ୍ୟକ୍ତି ଓଭରବ୍ରିଜ୍ ଉପରେ ଚାଲି ଚାଲି ଆସୁଥିଲେ। ଖୋର୍ଦ୍ଧାରୁ ଭୁବନେଶ୍ୱର ଦିଗରେ ଆସୁଥିବା ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବ୍ୟକ୍ତି ଜଣକ କିଛି ବାଟ ଛିଟିକି ପଡ଼ିଥିଲେ। ତାଙ୍କ କପାଳ ଓ ଖପୁରୀ ଉଠି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଓଭରବ୍ରିଜ୍ ଉପରେ ଘଟଣା ଘଟିଥିବାରୁ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଫେରାର୍ ହୋଇଯିବାରେ ସଫଳ ହୋଇଥିଲା। ରାସ୍ତାରେ ଆସୁଥିବା କିଛି ଗାଡ଼ି ଦେଖି ଡାକ ପକାଇଥିଲେ। ଖବରପାଇ ଇନ୍‌ଫୋସିଟି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ସେ ସ୍ଥାନୀୟ ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରିଥାଇପାରନ୍ତି କିମ୍ବା ସେ ମାନସିକ ବିକାରଗ୍ରସ୍ତ ହୋଇଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ପରିଚୟ ଜାଣିବା ପାଇଁ ଚେଷ୍ଟା ଚଳାଇଛି। ରାଜପଥରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛି।

## ବରଯାତ୍ରୀଙ୍କୁ ଆକ୍ରମଣ କରି ଦୁଇ ଗିରଫ

ଭୁବନେଶ୍ୱର,୨୨।୨(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବରଯାତ୍ରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ନନ୍ଦନକାନନ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ମରିଚିଆ ଗ୍ରାମର ସିଲୁ ପରିଡ଼ା (୨୮) ଓ ଦିଲ୍ଲୀପ ରାଉତ (୪୧)।



ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ସୌମ୍ୟରଞ୍ଜନ ସାହୁ ବରଯାତ୍ରୀ ସହିତ ମରିଚିଆ ଗ୍ରାମକୁ ଯାଇଥିଲେ। ବରଯାତ୍ରୀ ରୋଷଣୀ କରି ଯାଉଥିବାବେଳେ ସିଲୁ, ଦିଲ୍ଲୀପ ଓ ସହଯୋଗୀମାନେ ପୂର୍ବ ବିବାଦକୁ କେନ୍ଦ୍ରକରି ସୌମ୍ୟରଞ୍ଜନଙ୍କୁ ଗାଳିଗୁଲଜ କରିବା ସହିତ ତାଙ୍କ ଉପରକୁ ଟେକାପଥର ମାଡ଼ କରିଥିଲେ। ଏମିତିକି ଏକ ଗାଡ଼ିକୁ ବାଡ଼େଇ ଭାଙ୍ଗି ଦେଇଥିଲେ ଓ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ଆକ୍ରମଣ ଯୋଗୁଁ ସୌମ୍ୟରଞ୍ଜନ ଓ ଆଶୁତୋଷ ପଡ଼ିଆରୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଏନେଇ ନନ୍ଦନକାନନ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ସେମାନଙ୍କ ଘରେ ଚଢ଼ଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଏକ ମୋବାଇଲ୍ ଫୋନ୍ ଓ ଏକ ଇଲେକ୍ଟ୍ରିକ୍ ସ୍କୁଟିକୁ ଜବତ କରିଥିଲା।

## ଗଞ୍ଜେଇ ଜବତ; ବେପାରୀ ଗିରଫ

ବାଲିଅନ୍ତା,୨୨।୨(ସମିସ): ବାଲିଅନ୍ତା ଅବକାରୀ ବିଭାଗ ଟିମ୍ ଚୋରା ଗଞ୍ଜେଇ କାରବାର ମାମଲାରେ ଜଣେ ପେସାଦାର ନିଶା ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ପାହାଳ ଥାନା ନହରକଣ୍ଟା ଅଞ୍ଚଳରେ ରହୁଥିବା ନୃସିଂହ ଚରଣ ଓଝା। କୋର୍ଟରେ ନୃସିଂହର ଜାମିନ ଖାରଜ ହୋଇଯିବାରୁ ତାକୁ ଝାରପଡ଼ା ହାଜତକୁ ପଠାଇ ଦିଆଯାଇଛି। ସକାଳ ୯ଟାରେ ଏସ୍‌ଆଇ ପ୍ରଫୁଲ୍ଲ ଗୁରୁଙ୍କ ତତ୍ତ୍ୱାବଧାନରେ ବାଲିଅନ୍ତା ଅବକାରୀ ବିଭାଗ ୪ ଜଣିଆ ଟିମ୍ ଅତର୍କିତ ଭାବେ ବାଲିଅନ୍ତା ବଜାରରେ ଚଢ଼ଉ କରି ନୃସିଂହକୁ ଗିରଫ କରିଥିଲା। ଏଥିସହିତ ତା' ନିକଟରୁ ବ୍ୟାଗ୍‌ରେ ଥିବା ୫ କିଲୋ ଗଞ୍ଜେଇ ଜବତ କରିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଜଣେ ଅଧିକାରୀ ଜଣାଇଛନ୍ତି।

# ଚୋରି ବାଇକ୍‌ରେ ଅପରାଧୀଙ୍କ ରାଜ୍

ଭୁବନେଶ୍ୱର,୨୨।୨(ସମିସ):

ରାଜଧାନୀରେ ଯେତିକି ଅପରାଧ ଘଟୁଛି, ସେଥିରୁ ଏକ ତୃତୀୟାଂଶ ଅପରାଧରେ ଚୋରି ବାଇକ୍ ବ୍ୟବହାର କରାଯାଉଛି। ବାଇକ୍ ଚୋରି କରିବା ପରେ ଅପରାଧୀମାନେ ଛିନ୍‌ତାଇ, ଏଟିଏମ୍ ଲୁଟ୍, ଆପାର୍ଟମେଣ୍ଟରୁ ରାହାଜାନୀ ଭଳି କାରନାମା ଚଳାଇଛନ୍ତି। ବାଇକ୍ ଚୋରି କରିବା ପରେ ଅପରାଧୀମାନେ ଗୋଟିଏ ପରେ ଗୋଟିଏ ମାମଲାରେ ଅପରାଧ ଘଟାଇ ଆଧିପତ୍ୟ ବିସ୍ତାର କରୁଛନ୍ତି। ନିକଟରେ ପୁଲିସର ଏନ୍‌କାଉଣ୍ଟରର ଶିକାର ହୋଇଥିବା ଅର୍ଜୁନ ଅନାରେ ପୁରୀରୁ ବାଇକ୍ ଚୋରି କରି ଭୁବନେଶ୍ୱରରେ ଅପରାଧ ଘଟାଉଥିଲା। ଚୋରି ବାଇକ୍ ବ୍ୟବହାର କରୁଥିବାରୁ ଅର୍ଜୁନକୁ ଚିହ୍ନଟ କରିବା ସହ କାବୁ କରିବାରେ ପୁଲିସକୁ ବେଶ୍ କସରତ କରିବାକୁ ପଡ଼ିଥିଲା। କେବଳ ଏହି ଗୋଟିଏ ଘଟଣା ନୁହେଁ, ରାଜଧାନୀରେ ଘଟୁଥିବା ଶତପ୍ରତିଶତ ଘଟଣାରେ ଚୋରି ବାଇକ୍ ଅପରାଧୀଙ୍କୁ ସୁହାଉଛି। ଅପରାଧ ପରେ ଚୋରି ବାଇକ୍ ବ୍ୟବହାର ଦ୍ୱାରା ପ୍ରମାଣ ନଷ୍ଟ ସହ ଅପରାଧୀ ଖସି ପଳାଉଛନ୍ତି। ନିକଟରେ ସହରରେ ଘଟୁଥିବା ଅନେକ ଅପରାଧିକ ମାମଲାରେ ଚୋରି ବାଇକ୍ ବ୍ୟବହାର କରାଯାଉଥିବାର ପ୍ରମାଣ ମିଳିବା ପରେ ପୁଲିସର ଚିନ୍ତା ବଢ଼ିଯାଇଛି।

**ଦୁଇ ବର୍ଷରେ ୧୪୯୭ ବାଇକ୍ ଚୋରି**

**ଜବତ ହାର ମାତ୍ର ୪୨ ପ୍ରତିଶତ**

ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨ ବର୍ଷ ମଧ୍ୟରେ କମିସନରେଟ୍ ପୁଲିସର ବିଭିନ୍ନ ଥାନାରେ ୧୪୯୭ଟି ବାଇକ୍ ଚୋରି ହୋଇଛି। ତନ୍ମଧ୍ୟରୁ ୬୧୭ଟି ବାଇକ୍ ଜବତ କରିପାରିଛି କମିସନରେଟ୍ ପୁଲିସ। ଏହି ତଥ୍ୟ ଦେଖିଲେ ବିଗତ ଦୁଇବର୍ଷରେ ଚୋରି ବାଇକ୍‌ରୁ ମାତ୍ର ୪୨ ପ୍ରତିଶତ ବାଇକ୍ ଠାବ ହୋଇଛି। ପ୍ରତିବର୍ଷ ବାଇକ୍ ଚୋରି ବଢୁଥିବାବେଳେ କମିସନରେଟ୍ ପୁଲିସର ଜବତ ହାର ବେଶ୍ ନଗଣ୍ୟ ରହିଛି। ଚୋରି ଗାଡ଼ିରେ ଅପରାଧ ରୋକିବାକୁ ଅଣ୍ଟା ଭିଡ଼ିଛି କମିସନରେଟ୍ ପୁଲିସ। ଚୋରି ଗାଡ଼ିଗୁଡ଼ିକ ଉପରେ କଡ଼ା ନଜର ରଖିବା ସହ ପ୍ରତ୍ୟେକ ଥାନା ଅଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ରୋକିବାକୁ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଜାରି ରହିଥିବା ଡିସିପି ପିନାକ୍ ମିଶ୍ର ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଦିନରୁ ରାତିଯାଏଁ ବାଇକ୍ ଚୋରି ଘଟଣା ପ୍ରତିଦିନ ସହରରେ ଘଟୁଛି। ବାଇକ୍‌ର ଚାବି ପକେଟ୍‌ରେ ରହିଥିବାବେଳେ ସ୍ମାର୍ଟ ଚାବିରେ ଗାଡ଼ିର ଲକ୍ ଖୋଲିଯିବାରୁ ଠିକଣା ବଦଳିଯାଉଛି। ବାଇକ୍‌କୁ କୌଶଳକ୍ରମେ ଲୁଟିବା ପରେ ସହରର ପାର୍କିଂ ସ୍ଥାନରେ ରଖାଯାଉଛି। ପାର୍କିଂ ବାବଦରେ ୧୦ରୁ ୨୦ ଟଙ୍କା ଦେଇ ପାର୍କିଂରେ ସାଇତାଯାଉଛି। ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନ୍ ପାର୍କିଂ, ବସ୍‌ଷ୍ଟାଣ୍ଡ, ସରକାରୀ କାର୍ଯ୍ୟାଳୟର ପାର୍କିଂ ସ୍ଥାନରେ ଚୋରି ବାଇକ୍‌କୁ ରଖାଯାଇଛି। ସେଗୁଡ଼ିକୁ ସୁବିଧାସୁଯୋଗ ଦେଖି ଚାଲାଣ କରାଯାଉଛି।

### ସହରରୁ ଚୋରି; ମଫସଲରେ ବିକ୍ରି

ବାଇକ୍ ଚୋରି ଏକ ସଂଗଠିତ ଅପରାଧ। ବାଇକ୍ ଚୋରି କରିବା, ବିକ୍ରି କରିବା ବା ଖଣ୍ଡବିଖଣ୍ଡ କରିବାରେ ଏକାଧିକ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି। ବାଇକ୍ ଚୋରି କରିବା ପରେ କେବଳ ଅପରାଧ ନୁହେଁ ବରଂ ବାଇକ୍‌ଗୁଡ଼ିକୁ ମଫସଲ ଅଞ୍ଚଳରେ ବିକ୍ରି କରିବା ପରେ ମୂଲ୍ୟବାନ ପାର୍ଟ୍ସକୁ ସ୍କ୍ରାପ୍ ବା ଖଣ୍ଡ ଖଣ୍ଡ କରି ବିକ୍ରି କରି ଦେଉଛନ୍ତି। ବାଇକ୍ ଚୋରି କରିବା ପରେ ଦଲାଲଙ୍କ ସହାୟତାରେ ଗ୍ରାମାଞ୍ଚଳ ସହ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ଭୁବନେଶ୍ୱରରୁ ଚୋରି ବାଇକ୍‌ଗୁଡ଼ିକୁ କୋଲକାତା, ବିହାର, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟଗୁଡ଼ିକୁ ପଠାଯାଉଛି। ଚୋରା ଗାଡ଼ି ସେଠାରେ ପହଞ୍ଚିବା ପରେ ଦଲାଲ ଗାଡ଼ିର ନମ୍ବର ପ୍ଲେଟ୍ ଓ ରଙ୍ଗ ବଦଳାଇ ବିକ୍ରି କରାଯାଉଛି। ଏପରିକି ଗାଡ଼ିର ନକଲି କାଗଜପତ୍ର ମଧ୍ୟ ପ୍ରସ୍ତୁତ କରାଯାଉଛି। ନକଲି କାଗଜପତ୍ରକୁ ଅତ୍ୟାଧୁନିକ ଶୈଳୀରେ ପ୍ରସ୍ତୁତ କରାଯାଉଥିବାରୁ ଗାଡ଼ି କିଣୁଥିବା ମାଲିକ ଧୋକା ଖାଇଯାଉଛି। କମ୍ ମୂଲ୍ୟରେ ଦାମୀ ବାଇକ୍ ମିଳୁଥିବାରୁ ଲୋକେ ବାଇକ୍ କିଣି ନେଉଛନ୍ତି। ଏମିତିକି ଓଡ଼ିଶାର ଖଣି ଅଞ୍ଚଳରୁ ଏହି ବାଇକ୍‌ଗୁଡ଼ିକୁ ଚାଲାଣ କରାଯାଉଛି। ଅନୁରୂପ ଭାବେ ଗାଡ଼ିର ମୂଲ୍ୟବାନ ପାର୍ଟ୍ସଗୁଡ଼ିକୁ ଗ୍ୟାରେଜ୍‌ରେ ଖୋଲାଯାଉଛି। ମୂଲ୍ୟବାନ ସରଞ୍ଜାମକୁ ଚାଲାଣ କରାଯାଉଥିବାବେଳେ ଅନ୍ୟ ପାର୍ଟ୍ସକୁ ସ୍କ୍ରାପ୍‌ରେ ବିକ୍ରି କରାଯାଉଛି। ବିଶେଷକରି ଗାଡ଼ିର ଇଞ୍ଜିନ୍‌କୁ କେନ୍ଦ୍ରାପଡ଼ା, ପାରାଦୀପ, ପୁରୀ ଓ ବାଂଲାଦେଶକୁ ଚାଲାଣ କରାଯାଉଛି। ଉକ୍ତ ଅଞ୍ଚଳରେ ଚାଲୁଥିବା ମାଛଧରା ଡଙ୍ଗା (ଭୁଟୁଭୁଟି)ରେ ବ୍ୟବହାର କରାଯାଉଛି। ବାଂଲାଦେଶରେ ହଜାର ହଜାର ଇଞ୍ଜିନ୍‌ଚାଳିତ ଡଙ୍ଗା ଚାଲୁଥିବାରୁ ଜଳପଥରେ ସେଠାକୁ ଇଞ୍ଜିନ୍ ପଠାଯାଉଛି।

## ଡିପ୍ଲୋମା ଓ ବିଟେକ୍ ପଢୁଆ ବାଇକ୍ ଚୋର

ଭୁବନେଶ୍ୱର,୨୨।୨(ସମିସ): ଏମ୍‌ସରେ ହୋଇଥିବା ବାଇକ୍ ଚୋରି ଘଟଣାର ତଦନ୍ତ କରୁଥିବା ଖଣ୍ଡଗିରି ଥାନା ପୁଲିସ ଏକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ୍ କରିଛି। ବାଇକ୍ ଚୋରିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଓଡ଼ଗାଁ ନନ୍ଦିଘରର ଗ୍ୟାରେଜ୍ ମାଲିକ ବସନ୍ତ ରାଉତ ଓରଫ ଡବ୍ଲ୍ୟୁ (୨୮) ଓ ଅଙ୍କିତ ରାଉତ (୨୧)। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି, ବସନ୍ତ ଡିପ୍ଲୋମା ପଢ଼ିଥିବାବେଳେ ଅଙ୍କିତ ଏବେ ଏକ କଲେଜରେ ବିଟେକ୍ ପାଠପଢୁଛନ୍ତି।







**୨ ଗିରଫ; ୯ ଗାଡ଼ି ଜବତ**

**ଏମ୍‌ସରୁ ବି ଚୋରି କରିଛନ୍ତି**

ପୁଲିସ ସୂଚନା ଅନୁସାରେ, ନୟାଗଡ଼ ଟାଉନ୍ ଥାନା ଅଞ୍ଚଳର ପ୍ରମୋଦ ସାହୁ ତାଙ୍କ ବାପାଙ୍କ ଚିକିତ୍ସା ପାଇଁ ଗତ ୫ ତାରିଖରେ ଏମ୍‌ସ ଆସିଥିଲେ। ପାର୍କିଂରେ ଗାଡ଼ି ରଖି ମେଡିକାଲ ଭିତରକୁ ଯାଇଥିଲେ। ସେହି ସମୟରେ ବସନ୍ତ ଓ ଅଙ୍କିତ ତାଙ୍କ ଗାଡ଼ିକୁ ଚୋରି କରି ନେଇଯାଇଥିଲେ। ପରଦିନ ଅର୍ଥାତ୍ ୬ ତାରିଖରେ ପ୍ରମୋଦ ଗାଡ଼ି ନ ପାଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ସିସିଟିଭି ଫୁଟେଜ୍ ଯାଞ୍ଚ ସହିତ ବିଭିନ୍ନ ଦିଗରୁ ତଦନ୍ତ କରିବା ପରେ ବସନ୍ତ ଓ ଅଙ୍କିତ ଏହି ଚୋରି କରିଥିବା ଜଣାପଡ଼ିଥିଲା। ଦୁଇ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସେମାନେ ମଧ୍ୟ ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ। କେବଳ ଏମ୍‌ସରୁ ନୁହେଁ, ବରଂ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ସେମାନେ ବାଇକ୍ ଚୋରି କରିଥିବା ଜଣାପଡ଼ିଥିଲା। ପୁଲିସ ଟିମ୍ ସେମାନଙ୍କୁ ଧରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ୍ ୯ଟି ଗାଡ଼ି ଜବତ କରିଥିଲା। ଗିରଫ କରିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

■ ପ୍ରେମିକାକୁ ବ୍ଲାକମେଲ୍

## ବାହା ହୋଇଥା'ନ୍ତା; ବନ୍ଧାହେଲା

ଭୁବନେଶ୍ୱର,୨୨।୨(ସମିସ): ୭ ବର୍ଷ ଧରି ପରସ୍ପରକୁ ଭଲ ପାଉଥିଲେ। ଏମିତିକି ପରିବାର ଲୋକଙ୍କ ସହମତିରେ ବିବାହ ମଧ୍ୟ ସ୍ଥିର ହୋଇଥିଲା। ହେଲେ ପ୍ରେମିକ ସନ୍ଦେହ କରିବା ଆରମ୍ଭ କରିଥିଲେ। ଏହାକୁ ନେଇ ଗାଳିଗୁଲଜ କରିବା ସହିତ ଧମକଚମକ ଦେଇଥିଲେ। ବିବାହ କରିବାକୁ ଥିବା ପ୍ରେମିକକୁ ଶେଷରେ ବାନ୍ଧିଲା ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ପ୍ରେମିକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ହଂସିଣା ଅଞ୍ଚଳର ସର୍ବେଶ୍ୱର ସାହୁ (୨୫)।



ପୁଲିସ ସୂଚନା ଅନୁସାରେ, ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଯୁବତୀ ଜଣକ ଭୁବନେଶ୍ୱରର ଏକ ବେସରକାରୀ ବ୍ୟାଙ୍କରେ ଚାକିରି କରନ୍ତି। ତାଙ୍କର ସର୍ବେଶ୍ୱର ସହିତ ଗତ ୭ ବର୍ଷ ହେବ ବନ୍ଧୁତା ରହିଥିଲା। ଇତିମଧ୍ୟରେ ଉଭୟ ପରିବାରର ସହମତି ଭିତ୍ତିରେ ଉଭୟଙ୍କ ବିବାହ ମଧ୍ୟ ଠିକ୍ ହୋଇଥିଲା। କିନ୍ତୁ ଯୁବତୀ ଭୁବନେଶ୍ୱରରେ ରହି ଚାକିରି କରୁଥିବା ହେତୁ ତାଙ୍କର ଅନ୍ୟ କୌଣସି ଯୁବକଙ୍କ ସହ ବନ୍ଧୁତା ଥିବା ସର୍ବେଶ୍ୱର ସନ୍ଦେହ କରୁଥିଲେ। ଏହାକୁ କେନ୍ଦ୍ରକରି ଯୁବତୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଫୋନ୍‌ରେ ଗାଳିଗୁଲଜ କରୁଥିଲେ। ଏହାପରେ ଯୁବତୀଙ୍କ ସହକର୍ମୀମାନଙ୍କୁ ମଧ୍ୟ ଫୋନ୍ କରି ତାଙ୍କ ବିଷୟରେ ନାନାଦି କଥା କହିଥିଲେ। ପାଖରେ ରଖିଥିବା ଯୁବତୀଙ୍କ କିଛି ଫଟୋ ଓ ଭିଡିଓକୁ ଭାଇରାଲ କରିବାର ଧମକ ଦେଇ ଖରାପ ସମ୍ପର୍କ ରଖିବା ଲାଗି ବାଧ କରିଥିଲେ। ଏନେଇ ଯୁବତୀ ଜଣକ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର କଳ୍ପନା ଛକ ଅଞ୍ଚଳରେ ଚଢ଼ଉ କରି ସର୍ବେଶ୍ୱରଙ୍କୁ ଗିରଫ କରିଥିଲା।

**ହାଇପ୍ରୋଫାଇଲ୍ ଚୋର ସ୍ପାଇଡର୍ ଗିରଫ ମାମଲା**

## ୩ ରାଜ୍ୟର ପୁଲିସ ନେଲେ ପୁଙ୍ଖାନୁପୁଙ୍ଖ ତଥ୍ୟ

ଭୁବନେଶ୍ୱର,୨୨।୨(ସମିସ): କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ମାମଲାରେ ଗିରଫ ସ୍ପାଇଡର୍ ଶକ୍ତିକୁ ସାବାଡ଼ କରିବା ପାଇଁ ପୁଲିସ ଲାଗିପଡ଼ିଛି। କମିସନରେଟ୍ ପୁଲିସ ସ୍ପାଇଡର୍ ଶକ୍ତିର ଏକ ଡିଟେଲ୍ ରିପୋର୍ଟ ବା ପୁଙ୍ଖାନୁପୁଙ୍ଖ ତଥ୍ୟ ପ୍ରସ୍ତୁତ କରିଛି। କେଉଁ କେଉଁ ରାଜ୍ୟରୁ ଚୋରି କରିଥିଲା, କେତେଥର ଚୋରି କରିଛି, କେତେ ଚୋରିରେ ପୁଲିସକୁ ଚକ୍‌ମା ଦେବାରେ ସଫଳ ହୋଇଛି, ଆଉ କେତେ ମାମଲାରେ ପୁଲିସ ଗିରଫ କରିଛି ଆଦି ତା'ର ଚୋରି କ୍ୟାରିୟରର ତଥ୍ୟ ଏହି ଡିଟେଲ୍ ରିପୋର୍ଟରେ ରହିଛି। ଏଥିସହ କେରଳ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ପୁଲିସ ଶନିବାର କମିସନରେଟ୍ ପୁଲିସ ସହ ଯୋଗାଯୋଗ କରିଛି। କମିସନରେଟ୍ ପୁଲିସଠାରୁ ଏହି ୩ ରାଜ୍ୟର ପୁଲିସ ଡିଟେଲ୍ସ ରିପୋର୍ଟ ନେଇଛି। ଯାହାଫଳରେ ସେମାନଙ୍କ ରାଜ୍ୟରେ କେତେ ଚୋରିରେ ସାମିଲ୍ ରହିଥିଲା ସେନେଇ ଖୋଳତାଡ଼ କରିବେ। ଆହୁରି ମଧ୍ୟ ଏହି ୩ ରାଜ୍ୟର ପୁଲିସ କୋର୍ଟଙ୍କ ଅନୁମତି ନେଇ ଝାରପଡ଼ା ଜେଲ୍‌ରେ ସ୍ପାଇଡରକୁ ପଚରାଉଚରା କରିବେ ବୋଲି ସୂଚନା ମିଳିଛି। ଖୁବ୍‌ଶୀଘ୍ର ଏହି ୩ ରାଜ୍ୟର ପୁଲିସ ଭୁବନେଶ୍ୱର ଆସିବେ ବୋଲି ଜଣାପଡ଼ିଛି।

**ଝାରପଡ଼ା ଜେଲ୍‌ରେ କରିବେ ପଚରାଉଚରା**

ସ୍ପାଇଡର ଶକ୍ତି ଜଣେ ହାଇପ୍ରୋଫାଇଲ୍ ଆନ୍ତଃରାଜ୍ୟ ଚୋର। ସେ ଗୁଗଲ୍‌ରୁ ଭିଆଇପିମାନଙ୍କ ତାଲିକା କରି ଉକ୍ତ ସହରକୁ ଯାଉଥିଲା। ସେଠାରେ ଘର ରେକି କରିବା ପରେ ଚୋରି କରୁଥିଲା। ସେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘର ସମାନ ଢଙ୍ଗରେ ଗୁଗଲ୍‌ରୁ ସର୍ଚ୍ଚ କରି ପାଇଥିଲା। ନିରଞ୍ଜନଙ୍କ ଘରୁ କଳାକନା ବୁଲାଇ ଚମ୍ପଟ ମାରିଥିଲା। ଗିରଫ ଶକ୍ତି ନାଁରେ ବିଭିନ୍ନ ଥାନାରେ ୧୧୦ଟି ମାମଲା ରହିଛି। ହାଇପ୍ରୋଫାଇଲ୍ ଘରୁ ସବୁ ଚୋରି କରିଛି। ସୂଚନାଯୋଗ୍ୟ, ଜାନୁଆରୀ ୨୬ରେ ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ହୋଇଥିଲା। ସେ ବିଳମ୍ବିତ ରାତିରେ ନିରଞ୍ଜନଙ୍କ ଘରେ ପଶି ଅଢ଼େଇ ଲକ୍ଷ ଟଙ୍କା କ୍ୟାସ୍ ଓ ୫୦ ଲକ୍ଷ ଟଙ୍କାର ଗହଣାଗାଣ୍ଠି ନେଇ ଚମ୍ପଟ ମାରିଥିଲା। ଚୋରକୁ ଧରିବା ପାଇଁ କମିସନରେଟ୍ ପୁଲିସର ୩ଟି ସ୍ପେଶାଲ ଟିମ୍ ଗଠନ କରାଯାଇଥିଲା। ସିସିଟିଭିକୁ ଆଧାର କରି ପୁଲିସ ଯାଞ୍ଚ ଆରମ୍ଭ କରିଥିଲା। ଚୋର ବାହାର ରାଜ୍ୟରେ ଥିବା ଜଣାପଡ଼ିଥିଲା। ଏଥିପାଇଁ ୩ଟି ସ୍ପେଶାଲ ଟିମ୍ କେରଳ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଯାଇଥିଲେ। ପରେ ବିଜୟୱାଡ଼ାରୁ ଚୋରକୁ ଧରିବାରେ ସଫଳ ହୋଇଥିଲେ। ଚୋର କିଛିଦିନ ତଳେ କେରଳର ଜଣେ ବିଧାୟକଙ୍କ ଘରୁ ୭ କିଲୋ ସୁନା ଚୋରି କରି ଧରାପଡ଼ି ଗିରଫ ହୋଇଥିଲା। ସ୍ପାଇଡର ଶକ୍ତି ୨୦୨୩ରେ ନୂଆପଲ୍ଲୀ ଏଆର୍‌ଏସ୍‌ଏସ୍‌ଙ୍କ ଘରୁ ଚୋରି କରିଥିଲା। ଓଡ଼ିଶାରୁ ସେ ଏହି ୨ଟି ଚୋରି କରିଥିବା ପଚରାଉଚରା ବେଳେ ସ୍ୱୀକାର କରିଥିଲା।

## ବଦଳୁଛି ସାଇବର ଠକେଇର ତରିକା / ପୁଲିସ ଅଧିକାରୀଙ୍କୁ ଦିଆଯାଉନି ସାଇବର ତାଲିମ

ଭୁବନେଶ୍ୱର,୨୨।୨(ସମିସ):

ରାଜଧାନୀରେ ଏବେ ଠକେଇର ତରିକା ବଦଳିଛି। ସବୁ ଠକେଇର ଏବେ ଡିଜିଟାଲ ଲିଙ୍କ୍ ରହୁଛି। ତେଣୁ ହାଇଟେକ୍ ଉପାୟରେ ଡିଜିଟାଲ୍ ଠକେଇ ହେଉଥିବାରୁ ତଦନ୍ତ ସମୟରେ ପୁଲିସର ମୁଣ୍ଡ ଗୋଳ୍ ହୋଇଯାଇଛି। ଯଦି ସମସ୍ତ ଥାନାର ଅଧିକାରୀ ଏବଂ ଏସ୍‌ଆଇଙ୍କୁ ସାଇବର ଟ୍ରେନିଂ ଦିଆଯାଆନ୍ତା, ତେବେ ଏଭଳି ଠକେଇର ତଦନ୍ତ ସଠିକ୍ ଭାବେ କରିପାରନ୍ତେ। କିନ୍ତୁ ଗତ କିଛି ମାସ ହେବ ପୁଲିସକୁ ସାଇବର ଠକେଇ ସମ୍ପର୍କିତ ତାଲିମ ଦିଆଯାଇ ନାହିଁ। ଏପରିକି ରାଜ୍ୟ ବାହାରର ଏକ୍ସପର୍ଟଙ୍କୁ ମଧ୍ୟ ଡକାଯାଇ ପ୍ରଶିକ୍ଷଣ ଦିଆଯାଇନାହିଁ। ଯେଉଁଥିପାଇଁ ଥାନାରେ କାମ କରୁଥିବା କର୍ମଚାରୀ କମ୍ପ୍ୟୁଟର ଚଳାଇବା ପାଇଁ ସକ୍ଷମ ହେଉନାହାନ୍ତି। ଯଦି ଠକେଇରେ ସାଇବର ଲିଙ୍କ୍ ରହୁଛି, ତେବେ ମାମଲା ରୁଜୁ କରିବା ବାହାନା ଦେଖାଇ ଥାନା କର୍ମଚାରୀ ସାଇବର ଥାନାକୁ ପଠାଇ ଦେଉଛନ୍ତି। ଯେଉଁଥିପାଇଁ ସାଇବର ଥାନାରେ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ସାଇବର ଥାନାରେ ମାନବସମ୍ବଳର ଅଭାବ ଥିବାରୁ ଏତେ ଠକେଇ ମାମଲାର ତଦନ୍ତ କରିବା କଷ୍ଟକର ହୋଇପଡୁଛି। ବାଧ ହୋଇ ସାଇବର ମାମଲା ଇନ୍ସପେକ୍ଟର ନେବା ବଦଳରେ ଏସ୍‌ଆଇଙ୍କୁ ଦିଆଯାଉଛି। ଯାହାଫଳରେ ଏସ୍‌ଆଇଙ୍କ ସାଇବର ଜ୍ଞାନର ଅଭାବ ଥିବାରୁ ସଠିକ୍ ଭାବେ ତଦନ୍ତ ହୋଇପାରୁନାହିଁ।

**ଭୂତକୋଠି ପାଲଟିଗଲାଣି ସାଇବର କମ୍ପ୍ଲେକ୍ସ**

**ସାଇବର ଥାନାରେ ବଢୁଛି ମାମଲା; ମାନବସମ୍ବଳ ଅଭାବ**

**ଜ୍ଞାନ ଅଭାବରୁ ସଠିକ୍ ତଦନ୍ତ କରିପାରୁନି ପୁଲିସ**




ସେହିପରି ସାଇବର ଅପରାଧର ମୁକାବିଲା ପାଇଁ ସାଇବର କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ୨୦୨୦ ନଭେମ୍ବର ୨ରେ ଏହାକୁ ଶୁଭାରମ୍ଭ କରାଯାଇଥିଲା। ସାଇବର ମୁକାବିଲାରେ ଏହି କମ୍ପ୍ଲେକ୍ସ ପ୍ରମୁଖ ଭୂମିକା ନେବ ବୋଲି କୁହାଯାଇଥିଲା। ସୋସିଆଲ ମିଡିଆ ଅପରାଧୀକୁ ରୋକିବା ସହ ଅପରାଧୀଙ୍କୁ ଧରିବା, ମହିଳା ଏବଂ ଶିଶୁମାନଙ୍କ କ୍ଷେତ୍ରରେ ଘଟୁଥିବା ସାଇବର ଅପରାଧର ଖୁଲାସା କରିବା ପାଇଁ କୁହାଯାଇଥିଲା। ଏହି କମ୍ପ୍ଲେକ୍ସ ସିଡିଆର୍ ଆନାଲାଇଜର, ହାର୍ଡ ଡିସ୍କ ଇମାଜିଂ ଟୁଲ୍, ଫୋରେନ୍‌ସିକ୍ ଟୁଲ୍, ଭୋଲାଟାଇଜର ଡାଟା ଆନାଲାଇଜର ଟୁଲ୍, ମୋବାଇଲ୍ ଫୋରେନ୍‌ସିକ୍ ୟୁନିଟ୍, ସେଲ ଆଇଡି ଆଦି ରହିବ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହି କମ୍ପ୍ଲେକ୍ସ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଥାନାର ପୁଲିସମାନେ ତାଲିମ ପାଇପାରୁ ନାହାନ୍ତି। ପ୍ରତି ଥାନାର ଜଣେ ଲେଖାଏଁ ପୁଲିସ ଏସ୍‌ଆଇଙ୍କୁ ତାଲିମ ଦିଆଯିବାକୁ କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ମନେପଡ଼ିଲେ ସାଇବର ତାଲିମ ଦିଆଯାଉଛି। ଆହୁରି ମଧ୍ୟ ସାଇବର ମାମଲାର ଦଣ୍ଡହାର କମ୍ ଥିବାରୁ ଏହାକୁ ବଢ଼ାଇବା ପାଇଁ ଉଦ୍ୟମ କରାଯାଇଥିଲା। ଏପରିକି ଓକିଲ ଏବଂ ଜୁଡିସିଆଲ ଅଫିସର ରଖାଯିବାକୁ ବ୍ୟବସ୍ଥା ହୋଇଥିଲା। କିନ୍ତୁ ବର୍ତ୍ତମାନ ତାହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସାଇବର ତଦନ୍ତ ଉପରେ ଏହାର ପ୍ରଭାବ ପଡୁଛି।

### ମୋବାଇଲ୍ ଲୁଟିନେଲ ସୁନ୍ଦରୀ

ଓଏଲ୍‌ଏକ୍ସରେ ମୋବାଇଲ୍ ବିକ୍ରି କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ମଲ୍‌କୁ ମୋବାଇଲ୍ କିଣିବା ପାଇଁ ଡାକି ଲୁଟିନେଲେ ୩୦ ହଜାର ଟଙ୍କାର ମୋବାଇଲ୍ ଫୋନ୍। ଏଭଳି ଘଟଣା ସହିଦନଗର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଏନେଇ ଯୁବକ ଜଣକ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଉଦୟ ଜେନା ନାମକ ଯୁବକ ନିଜର ଏକ ମୋବାଇଲ୍ ଫୋନ୍ ବିକ୍ରି କରିବା ପାଇଁ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ। ଏହି ବିଜ୍ଞାପନ ଦେଖି ଜଣେ ଯୁବତୀ ତାଙ୍କୁ ଫୋନ୍ କରିଥିଲେ। ମୋବାଇଲ୍ ଧରି ସକାଳେ ସହିଦନଗରକୁ ଆସିବା ପାଇଁ କହିଥିଲେ। ଯୁବତୀ ଜଣକ ସେଠାକୁ ଆସି ମୋବାଇଲ୍ ଦେଖି ନେବାକୁ କହିଥିଲେ। ଏପରିକି ମୋବାଇଲ୍ ଧରି କିଛି ଦୂରରେ ଭାଇ ଛିଡ଼ା ହୋଇଛନ୍ତି, ଟଙ୍କା ଆଣିକି ଆସୁଛି ବୋଲି କହି ଚମ୍ପଟ ମାରିଥିଲେ।

**ଓଏଲ୍‌ଏକ୍ସରେ ମୋବାଇଲ ବିକ୍ରି କରିବା ମହଙ୍ଗା ପଡ଼ିଲା**

**ବ୍ରିଟେନ୍‌ର ସାଇବର ସ୍କୋୟାର ସହିତ ଓଡିଏମ୍‌ର ଏମ୍‌ଓୟୁ**

## ଏଆଇ ଆଧାରିତ ଜ୍ଞାନକୌଶଳ ପଢ଼ିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୨।୨(ସମିସ): ଓଡିଏମ୍ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଳିବ ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ଶିକ୍ଷା। ସୃଜନଶୀଳତା ବଢ଼ାଇବା ପାଇଁ ଏଆଇକୁ ବ୍ୟବହାର କରାଯିବ। ଏଥିପାଇଁ ବ୍ରିଟେନ୍‌ର ସାଇବର ସ୍କୋୟାର କୋଡିଂ ସହିତ ଏମ୍‌ଓୟୁ କରିଛି ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହ। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ପାରମ୍ପରିକ କମ୍ପ୍ୟୁଟର ଶିକ୍ଷାରୁ ବହୁ ଉପରକୁ ଯାଇ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଜାଣିପାରିବେ। ଏହି ଅବସରରେ ଓଡିଏମ୍ ଏଜୁକେସନାଲ୍ ଗ୍ରୁପ୍‌ର ସିଇଓ କହିଛନ୍ତି ଯେ ଶୈଶବ ଓ କିଶୋର ଅବସ୍ଥାରୁ ପିଲାଙ୍କୁ କମ୍ପ୍ୟୁଟର ଓ କୃତ୍ରିମ ବୁଦ୍ଧିମତ୍ତାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଅବଗତ କଲେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସମ୍ଭବ ହୋଇପାରିବ। ଆମେରିକା, କାନାଡ଼ା ଓ ବ୍ରିଟେନ୍‌ର ଛାତ୍ରଛାତ୍ରୀଙ୍କ ପରି ଆମ ପିଲାମାନେ ମଧ୍ୟ ପ୍ରଯୁକ୍ତିବିଦ୍ୟାରେ ନିପୁଣ ହୋଇପାରିବେ। ସେହିପରି ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି ଯେ ଏହା ଏକ ଐତିହାସିକ ପଦକ୍ଷେପ। ପିଲାଙ୍କୁ ନୂଆ ଜ୍ଞାନକୌଶଳ ଉଦ୍ଭାବକ କରିବାରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।







# ଦୁଷ୍କର୍ମକାରୀକୁ ୧୨ ବର୍ଷ ଜେଲ୍

ଭୁବନେଶ୍ୱର,୨୨।୨(ସମିସ): ଭୁବନେଶ୍ୱର ଆଡ୍‌ହକ୍ ଆଡିସ୍‌ନାଲ୍ ସେସନ୍ସ ଜଜ୍ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍ସୋ)ର ବିଚାରପତି ସରୋଜ କୁମାର ସାହୁ ୨୦୨୧ ମସିହାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀସାବ୍ୟସ୍ତ କରିଛନ୍ତି। ତାକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି।



ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଜଣକ ସ୍ୱଭାବରେ ଜଣେ ଖଳ ପ୍ରକୃତିର ବ୍ୟକ୍ତି ହୋଇଥିବାବେଳେ, ନିୟମିତ ଭାବେ ମଦ୍ୟପାନ କରିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିଲା। ପତ୍ନୀ ଏହାର ବିରୋଧ କରିବାରୁ ତାଙ୍କୁ ପ୍ରବଳ ମାଡ଼ ମାରୁଥିଲା। ୨୦୨୧ ଜୁନ୍ ୧ ତାରିଖ ଅପରାହ୍ଣରେ ପତ୍ନୀ ଓ ବଡ଼ ଝିଅ ଡାକ୍ତରଖାନା ଯାଇଥିବାବେଳେ ସାନ ଝିଅ ତଥା ନାବାଳିକା ପୀଡ଼ିତା ଘରେ ଏକୁଟିଆ ଥିଲେ। ଅଭିଯୁକ୍ତ ସେହି ସମୟରେ ନାବାଳିକା ଝିଅକୁ ଜୋର୍‌ଜବରଦସ୍ତ ଦୁଷ୍କର୍ମ କରିବା ସହ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଡାକ୍ତରଖାନାରୁ ଫେରି ଝିଅ ନିକଟରୁ ଘଟଣା ସମ୍ପର୍କରେ ଶୁଣିବା ପରେ ମାଆ ସେହି ମାସ ୯ ତାରିଖରେ ମହିଳା ଥାନାରେ ସ୍ୱାମୀ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ମହିଳା ଥାନା ପୁଲିସ ମାମଲା ରୁଜୁ କରି ଏସ୍‌ଆଇ ରଶ୍ମୀରେଖା ବେହେରା ଅଭିଯୁକ୍ତକୁ ଗିରଫ କରିଥିଲେ।

୧୨ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ୍ ଆଧାରରେ ଶନିବାର ଅଭିଯୁକ୍ତକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୫ ମାସ କାରାଦଣ୍ଡାଦେଶ ମଧ୍ୟ ଦେଇଛନ୍ତି। ଏଥିସହିତ ଆପେକ୍ସ କୋର୍ଟ ପୀଡ଼ିତା ନାବାଳିକାଙ୍କୁ ୩ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ନିମନ୍ତେ ଡିଏଲ୍‌ଏସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ରାଜଧାନୀରେ ଜମି କିଣିବା ପାପ!

BHUBANESWAR DEVELOPMENT AUTHORITY

ଭୁବନେଶ୍ୱର,୨୨।୨(ସମିସ):

ବ୍ରଜମୋହନ ମହାପାତ୍ର। ରେଳବାଇରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିଲେ। ୨୦୨୨ରେ ଚାକିରିରୁ ଅବସର ନେଲେ। ଅବସର ସମୟରେ ମିଳିଥିବା ପୁଞ୍ଜି ଓ ଜୀବନବ୍ୟାପୀ ସଞ୍ଚୟ କରିଥିବା ଜମା ଟଙ୍କାକୁ ମିଶାଇ ଗାଡ଼କଣ ମଉଜାରେ ବିଲ୍ଡରଠାରୁ ଜମି ଖଣ୍ଡେ କିଣିଲେ। ଇଚ୍ଛା ଥିଲା ସେହି ଜମିରେ ଘର ଖଣ୍ଡେ କରି ଅବସରକାଳୀନ ଜୀବନ ବିତାଇବେ। ହେଲେ ଦୁଃଖ ଓ ପରିତାପର ବିଷୟ ତାଙ୍କ ଯୋଜନା ଅନୁଯାୟୀ, ଜମି କିଣିଦେଲେ ସତ ହେଲେ ସରକାରଙ୍କ ନିୟମ ଯୋଗୁଁ ଘର ଖଣ୍ଡେ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇପାରୁନି। ପାର୍ଟ ପ୍ଲଟ୍(ଅଂଶିକ ଜମି) ପଞ୍ଜୀକରଣ ବନ୍ଦ ସମୟରେ ଜମି କିଣିଥିବାରୁ ବିଡିଏ ପ୍ଲାନ୍ ଅନୁମୋଦନ ମିଳୁନି। ପ୍ଲାନ୍ ନ ମିଳିବାରୁ ଗୃହ ନିର୍ମାଣ ପାଇଁ ସେ ବ୍ୟାଙ୍କ୍‌ରୁ ଋଣ କରିପାରୁ ନାହାନ୍ତି। ତେଣୁ ଗତ ୩ ବର୍ଷ ହେଲା ଏଭଳି ଗୋଲକଧନ୍ଦାରେ ଘାଣ୍ଟି ହେଉଛନ୍ତି।

କେବଳ ବ୍ରଜମୋହନ ଏକା ନୁହନ୍ତି, ପାର୍ଟ ପ୍ଲଟ୍ ପଞ୍ଜୀକରଣ ବନ୍ଦ ସମୟରେ ଏଭଳି ହଜାର ହଜାର ଲୋକ ଜମି କିଣି ଘର କରିବା ପାଇଁ ହଟହଟା ହେଉଛନ୍ତି।

**ଘର କରିବାକୁ ହଟହଟା ବରିଷ୍ଠ ନାଗରିକ**

**ପ୍ଲାନ୍ ଅନୁମୋଦନ କରୁନି ବିଡିଏ**

ସେମାନଙ୍କ ଅଭିଯୋଗ ହେଲା, ଘରବାରି ଜମି ଆମେ ଯେତେବେଳେ କିଣିଲୁ, ସେତେବେଳେ ସରକାରଙ୍କୁ ଜମି ମୂଲ୍ୟର ୭ ପ୍ରତିଶତ ଷ୍ଟାମ୍ପ୍ ଡ୍ୟୁଟି ହିସାବରେ ଜମା କଲୁ। ତାହା ଆଇନତଃ ସରକାର ଗ୍ରହଣ କରିଥିବାବେଳେ ଜମି ପଞ୍ଜୀକରଣ କେମିତି ବେଆଇନ ହେଲା। ଏବେ ବେଆଇନ ଦର୍ଶାଇ ପ୍ଲାନ୍ ଅନୁମୋଦନ ଦେଉନାହାନ୍ତି। ତେଣୁ ଆମେ ଗୃହ ନିର୍ମାଣ କେମିତି କରିବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜଧାନୀରେ ପାର୍ଟ ପ୍ଲଟ୍ ପଞ୍ଜୀକରଣ ଉପରେ ରହିତାଦେଶ ଲାଗିଥିବା ସମୟରେ ଭୁବନେଶ୍ୱର, ଖଣ୍ଡଗିରି, ଜଟଣୀ, ପିପିଲି, ବାଲିଅନ୍ତା, ବାଲିପାଟଣା ସବ୍ ରେଜିଷ୍ଟାର୍‌ଙ୍କ କାର୍ଯ୍ୟାଳୟରେ ହଜାର ହଜାର ସଂଖ୍ୟାରେ ଜମି ପଞ୍ଜୀକରଣ ହୋଇଛି। ଷ୍ଟାମ୍ପ୍ ଡ୍ୟୁଟି ଆକାରରେ ସରକାର ମୋଟା ଅଙ୍କର ଟିକସ ବି ପାଇଛନ୍ତି। ଯଦି ବେଆଇନ ଭାବେ ଏହି ଜମି ସବୁ ପଞ୍ଜୀକରଣ ହେଉଥିଲା, ତେବେ ଟିକସ ବାବଦ ଟଙ୍କା କେମିତି ସରକାରଙ୍କ ପାଖକୁ ଯାଉଥିଲା ବୋଲି ପ୍ରଶ୍ନ ଉଠୁଛି। ତା'ପରେ ଏହି ପ୍ରକ୍ରିୟା ଦିନେ କି ମାସେ ନୁହେଁ, ବର୍ଷ ବର୍ଷ ଧରି ଚାଲିଛି। ଖଣ୍ଡଗିରି ସବ୍‌ରେଜିଷ୍ଟାର୍ ଅଫିସ୍‌ର ଜଣେ କିରାଣି ଭିଜିଲାନ୍ସ ଜାଲରେ ଧରାପଡ଼ିବା ପରେ ପଞ୍ଜୀକରଣରେ ସାମାନ୍ୟ ରୋକ୍ ଲାଗିଛି ସତ ହେଲେ ସମ୍ପୂର୍ଣ୍ଣ ବନ୍ଦ ହୋଇନି। ଏବେ ବି ଏଭଳି ପଞ୍ଜୀକରଣ ଚାଲିଛି।

ବିଡିଏ ୩୦ ଫୁଟିଆ ରାସ୍ତା ନିୟମ କରିଥିବାବେଳେ ଲୋକମାନେ ସେହି ଅନୁସାରେ ଜମି କିଣୁଛନ୍ତି। ବିଡିଏର ନିର୍ଦ୍ଧାରିତ ଫି' ଜମା କରିବାକୁ ଜମି ମାଲିକମାନେ ବି ପ୍ରସ୍ତୁତ ଅଛନ୍ତି। ଏସବୁ ପରେ ମଧ୍ୟ ପଞ୍ଜୀକରଣ ହୋଇଥିବା ଜମିକୁ ପ୍ଲାନ୍ ନ ମିଳିବା ସାଧାରଣ ମଧ୍ୟବିତ୍ତ ଲୋକଙ୍କୁ ହରଡ଼ଘଣାରେ ପକାଇଛି। ଗୋଟିଏପଟେ ଦିନକୁ ଦିନ ଗୃହ ନିର୍ମାଣ(କନ୍‌ଷ୍ଟ୍ରକ୍ସନ୍) ଜନିତ ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିବର୍ଷ ୧୦ ପ୍ରତିଶତ ଲେଖାଏଁ ଏହି ଖର୍ଚ୍ଚ ବଢୁଛି। ହେଲେ ସରକାରଙ୍କ ଏଭଳି ନିୟମ ପାଇଁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଏହାର ସମାଧାନ ପାଇଁ କୌଣସି ରାସ୍ତା ବାହାର କରୁନାହାନ୍ତି। ଗୋଟିଏପଟେ ପାର୍ଟ ପ୍ଲଟ୍ ପଞ୍ଜୀକରଣ ନିୟମ ଆସିବ ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ। ଏହା ଉପରେ ୨/୩ଥର ବୈଠକ ମଧ୍ୟ ହୋଇ ସାରିଲାଣି। ହେଲେ ଏଯାବତ୍ କୌଣସି ନିଷ୍କର୍ଷ ବାହାରି ପାରୁନାହିଁ। ତେଣୁ ଲୋକମାନେ ଜମି କିଣି ଲୋକ ନାକରେ କାନ୍ଦୁଛନ୍ତି। ତେଣୁ ତୁରନ୍ତ ଏହାର ସମାଧାନ ନେଇ ବିଭିନ୍ନ ମହଲରେ ଦାବି ହେଉଛି।

## ପନିପରିବା ବିହନ ଉତ୍ପାଦନ ସମ୍ପର୍କିତ ତାଲିମ ଶିବିର

ଭୁବନେଶ୍ୱର,୨୨।୨(ସମିସ): ଖୋର୍ଦ୍ଧା ଜିଲ୍ଲାରେ ପନିପରିବା ବିହନ ଉତ୍ପାଦନ ସମ୍ପର୍କିତ ଦିନିକିଆ ତାଲିମ ଶିବିର ବାଲିପାଟଣା ବ୍ଲକ୍ ଅଭୟମୁଖୀଠାରେ ଅନୁଷ୍ଠିତ ହୋଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ ସର୍ବଭାରତୀୟ ସମନ୍ୱିତ ଫସଲ ବିହନ ପ୍ରକଳ୍ପ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିହନ ଉତ୍ପାଦନ ଅଧିକାରୀ ଡ. ଚିତ୍ତରଞ୍ଜନ ସାହୁ ଓ ବିହନ ଗବେଷଣା ଅଧିକାରୀ ଡ. ମନୋଜ ରାଉତ ପନିପରିବା ଚାଷ ଏବଂ ତହିଁରୁ ବିହନ ଉତ୍ପାଦନ ସମ୍ପର୍କରେ ଆଲୋକପାତ କରିବା ସହ ସଚେତନ କରିଛନ୍ତି। ତାଙ୍କ ସହିତ ବନ ବିଜ୍ଞାନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ତନ୍ମୟ ଲଳିତେନ୍ଦୁ ମହାନ୍ତି, ଡ. ଜୟନ୍ତ କୁମାର ମହାଳିକ ଓ ସମ୍ପ୍ରସାରଣ ଉପନିର୍ଦ୍ଦେଶକ ଡ. ବିପିନ କୁମାର ପ୍ରଧାନ, ମନୋରଞ୍ଜନ ରାଉଳ, ବିଶ୍ୱରଞ୍ଜନ ଦାସ, ସହକାରୀ ଉଦ୍ୟାନ ଅଧିକାରୀ ସୌମ୍ୟା ପ୍ରିୟଦର୍ଶିନୀ ଏବଂ ଏସ୍‌ପିଏଓ ନିହାର ରଞ୍ଜନ ମହାପାତ୍ର ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ଶତାଧିକ ଚାଷୀ କର୍ମଶାଳାରେ ଯୋଗଦେଇଥିବାବେଳେ ବୈଷୟିକ ଅଧିକାରୀ ଜୟନ୍ତ ବେଉରା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ସିଂ, କୈଳାସ ଚନ୍ଦ୍ର ବିଶ୍ୱାଳ, ଜୟକୃଷ୍ଣ ପ୍ରଧାନ, ବିଜୟ ସେନାପତି ପ୍ରମୁଖ ସହଯୋଗ କରିଛନ୍ତି।

■ 'କସ୍ତୁରବା ଗାନ୍ଧୀ ଓ ନାରୀ ଜାଗରଣ' ଶୀର୍ଷକ ଆଲୋଚନା

# ନିଶାମୁକ୍ତ ସମାଜ ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ




ଭୁବନେଶ୍ୱର,୨୨।୨(ସମିସ): ଉତ୍କଳ ସର୍ବୋଦୟ ମଣ୍ଡଳ, ଭୁବନେଶ୍ୱର ଶାଖା ତରଫରୁ ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ସଭାକକ୍ଷରେ କସ୍ତୁରବା ଗାନ୍ଧୀଙ୍କ ୮୧ତମ ପୁଣ୍ୟତିଥିରେ 'କସ୍ତୁରବା ଗାନ୍ଧୀ ଓ ନାରୀ ଜାଗରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସର୍ବସେବା ସଂଘର ଅଧ୍ୟକ୍ଷ ଆଦିତ୍ୟ ପଟ୍ଟନାୟକଙ୍କ ସଭାପତିତ୍ୱ ଓ ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାନ୍ଧିବାଦୀ ପଦ୍ମଚରଣ ନାୟକ ଲୋକ ରାଜନୀତି ଓ ନିଶାମୁକ୍ତ ସମାଜ ଗଠନ ପାଇଁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ। କସ୍ତୁରବା ଗାନ୍ଧୀଙ୍କ ଦ୍ୱାରା କିପରି ମୋହନ ଦାସ କରମଚାନ୍ଦ ଗାନ୍ଧୀ ମହାତ୍ମା ଗାନ୍ଧୀ ହୋଇପାରିଲେ, ସେ ବିଷୟରେ ମତବ୍ୟକ୍ତ କରିବା ସହ ସ୍ୱାଧୀନତା ଆନ୍ଦୋଳନରେ କିପରି ଅଧିକ ମହିଳା ଯୋଗ ଦେଇପାରିଥିଲେ ଓ ଏଥିରେ କସ୍ତୁରବା ଗାନ୍ଧୀ ଓ ସେ ସମୟର ବହୁ ମହିଳା ବିପ୍ଳବୀଙ୍କ ଅବଦାନ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଏଥିରେ ରାଧାରାଣୀ ମହାପାତ୍ର, ଡ. ଅଭୟ ବେହେରା, ରାଜନୀତି ବିଜ୍ଞାନର ମୁଖ୍ୟ ଡ. ସୀମା ମଲ୍ଲିକ, ପୂର୍ବତନ କୁଳପତି ଡ. ଗୋକୁଳାନନ୍ଦ ଦାସ, ଗାନ୍ଧୀବାଦୀ ରମାକାନ୍ତ ନାଥ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଇନ୍ଦୁମତୀ ସାହୁ, ମାଳତୀ ପାତ୍ର ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ। ଶେଷରେ ଅଧ୍ୟାପକ ନିତ୍ୟାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ସମାଜ ବିଜ୍ଞାନୀମାନେ ଅଂଶଗ୍ରହଣ କରିଥିଲେ।

# ମାତୃଭାଷା ମହାକୁମ୍ଭ ଉଦ୍‌ଯାପିତ



ଭୁବନେଶ୍ୱର,୨୨।୨(ସମିସ): ଦ ଇଣ୍ଟେଲେକ୍ଟସ ପକ୍ଷରୁ ଆୟୋଜିତ ମାତୃଭାଷା ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଦେବେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତା ଏବଂ ଭାଷା ବିଶେଷଜ୍ଞ ମହେଶ କୁଲ୍‌କର୍ଣ୍ଣିଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଗଲ୍ ପକ୍ଷରୁ ସ୍ୱରୂପ ମିଶ୍ର, ମାଇକ୍ରୋସଫ୍ଟର ବରିଷ୍ଠ ବିଶେଷଜ୍ଞ ବାଲେନ୍ଦୁ ଦଧିଚୀ, ଭାଷିଣୀର ସିଇଓ ଅନନ୍ତ ନାଗ, ଟେକ୍ନିକାଲ୍ ଆଡ୍‌ଭାଇଜର୍ ସୁଧୀର ପଟେଲ, ଓଡ଼ିଶା ଭର୍ଚୁଆଲ ଏକାଡେମୀର ଟେକ୍ନିକାଲ୍ ହେଡ୍ ସ୍ମୃତି ରଞ୍ଜନ ମିଶ୍ର, ଭାଷାବିତ୍ ସୁବ୍ରତ ପୃଷ୍ଟି ପ୍ରମୁଖ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ମତ ଓ ତଥ୍ୟ ଉପସ୍ଥାପନା କରିଥିଲେ। ମାଇକ୍ରୋସଫ୍ଟରେ ବ୍ୟବହୃତ ମୌଳିକ ଓଡ଼ିଆ ଫଣ୍ଟ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବା ପାଇଁ ପ୍ରୟାସ ହେବ ବୋଲି ଶ୍ରୀ ଦଧିଚୀ କହିଥିବାବେଳେ ଗୁଗଲ୍‌ର ଚାଟ୍ ଜିପିଟି ମାଧ୍ୟମରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି କରାଯିବାର ପ୍ରୟାସ ଜାରି ରହିଛି ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଓଡ଼ିଆ ଏଆଇ ପୂର୍ଣ୍ଣ ଭାବେ ବିକଶିତ ଓ କାର୍ଯ୍ୟକାରୀ କରାଇବା କ୍ଷେତ୍ରରେ ମଧ୍ୟ ଉଦ୍ୟମ ଚାଲିଥିବା ସ୍ମୃତିରଞ୍ଜନ ମତ ଦେଇଥିଲେ। ଦ୍ୱିତୀୟ ସୋପାନରେ ଗଣମାଧ୍ୟମ ଜଗତର ବରିଷ୍ଠ ପ୍ରତିନିଧିମାନଙ୍କ ସ୍ୱତନ୍ତ୍ର ଆଲୋଚନାଚକ୍ର ହୋଇଥିଲା। ଓଡ଼ିଶାରେ ଡିଜିଟାଲ୍ ମିଡିଆର ଗତି କେଉଁଆଡ଼େ? କାହିଁକି ଅନ୍ୟ ଆଞ୍ଚଳିକ ଭାଷା ଭଳି ଓଡ଼ିଆ ଭାଷାର ଅନ୍‌ଲାଇନ୍ ଉପସ୍ଥିତି ବ୍ୟାପକ ହୋଇପାରିନି? ଇଂରାଜୀ ମିଡିୟମରେ ପାଠ ପଢୁଥିବା ଆଗାମୀ ପିଢ଼ିର ପିଲା ଓଡ଼ିଆ ଭାଷାକୁ ଗ୍ରହଣ କରିବେ ଆଉ ଲେଖି ପଢ଼ି ପାରିବେ ତ? ଓଡ଼ିଆ ଭାଷାର ଭବିଷ୍ୟତ ଓ ଏ ଦିଗରେ ଆସୁଥିବା ବାଧାକୁ ନେଇ ଏମିତି ଅନେକ ପ୍ରଶ୍ନ ଉପରେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁଙ୍କ ପରିଚାଳନାରେ କେଦାର ମିଶ୍ର, ମନୋରଞ୍ଜନ ମିଶ୍ର, ସତ୍ୟ ପ୍ରକାଶ ନାୟକ ଓ ନିହାରକାନ୍ତ ପଣ୍ଡା ପ୍ରମୁଖ ଆଲୋଚନା କରି ଭାଷାର ବ୍ୟବହାର ଏବଂ କମ୍ପ୍ୟୁଟରରେ ଲିପିର ପ୍ରୟୋଗ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରେ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସମାବର୍ତ୍ତନ ଉତ୍ସବରେ ମାତୃଭାଷାର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ଅନୁଷ୍ଠାନ 'ସୃଜନିକା', ଡ. ମହେଶ କୁଲ୍‌କର୍ଣ୍ଣି ଓ ସ୍ୱରୂପ ମିଶ୍ରଙ୍କୁ 'ପ୍ରବାସୀ ଭାଷା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ମିତ ଚାହାଁ ଏ ପରା...




ଭୁବନେଶ୍ୱର,୨୨।୨(ସମିସ): ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଓଡ଼ିଶୀ ସଙ୍ଗୀତ ମହୋତ୍ସବର ରୌପ୍ୟ ଜୟନ୍ତୀର ତୃତୀୟ ଦିନରେ ନବୀନ ଓ ପ୍ରବୀଣ କଳାକାରଙ୍କ ଓଡ଼ିଶୀ ଗାୟନ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପୂର୍ବାହ୍ଣ, ଅପରାହ୍ଣ ଓ ସନ୍ଧ୍ୟା ଅଧିବେଶନ ଶିଳ୍ପୀମାନଙ୍କ ସଙ୍ଗୀତ ସଂସ୍କୃତିର ବିବିଧତାକୁ ପରିପ୍ରକାଶ କରୁଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଶ୍ୟାମାମଣୀ ଦେବୀ, ଇଫ୍‌କୋର ଜନସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା, ଫାଉଣ୍ଡେସନର ସଭାପତି ମନୋରଞ୍ଜନ ପାଣିଗ୍ରାହୀ, ଉପସଭାପତି କ୍ଷୀରୋଦ ପଟ୍ଟନାୟକ, ସମ୍ପାଦକ ଗୁରୁ ରାମହରି ଦାସ, ନିମାକାନ୍ତ ରାଉତରାୟ, ସଚ୍ଚିକାନ୍ତ ନାୟକ, କେଶବ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ବୃନ୍ଦ ଗାୟନ ପରିବେଷଣ କରିଥିଲେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀମାନେ। 'ମିତ ଚାହାଁ ଏ ପରା...'ର ପ୍ରସ୍ତୁତି ଖୁବ୍ ସୁନ୍ଦର ଥିଲା। ଏହାପରେ ଗୁରୁ ରବୀନ୍ଦ୍ର ମିଶ୍ର ଓ ଆଶାଲତା ଷଡ଼ଙ୍ଗୀଙ୍କ ପରିବେଷଣ 'ସତେ କି ଭଙ୍ଗି କଲା...' ଦର୍ଶକଙ୍କୁ ଭାବବିହ୍ୱଳିତ କରିଥିଲା। ମୃତ୍ୟୁଞ୍ଜୟ ରଥ ଓ ଅଧ୍ୟାପକ ଲୋକନାଥ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲାବେଳେ କୋଷାଧ୍ୟକ୍ଷ ରଘୁନାଥ ଦାଶ ପରିଚାଳନାରେ ସହାୟତା କରିଥିଲେ।

# ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୨(ସମିସ): ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ ହୋଇଯାଇଛି। ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ବୋଧନ ଦେଇ ମାତୃଭାଷାର ବିକାଶ ନିମନ୍ତେ ସାହିତ୍ୟିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ। ସେହିପରି ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଆ ଓ ସାନ୍ତାଳୀ ସାହିତ୍ୟର ବନ୍ଧୁତା ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଯତୀନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ସାହିତ୍ୟ ଆମକୁ ବଞ୍ଚିବାର ଅର୍ଥ ଯୋଗାଇ ଦେଇଥାଏ ଓ ଏହି ସୃଜନଶୀଳ ଯାତ୍ରା ଭବିଷ୍ୟତ ପାଇଁ ଶୁଭଙ୍କର ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ପୌରୋହିତ୍ୟ କରିଥିବାବେଳେ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କବି ଡ. ଗୌତମ ଜେନା ଓ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝୀଙ୍କୁ ଯଥାକ୍ରମେ 'କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ' ଓ 'ଦିନନାଥ ପାଠୀ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଶୈଳେନ୍ଦ୍ର କୁମାର ଜେନା, ବିଦ୍ୟୁତ୍‌ପ୍ରଭା ଗନ୍ତାୟତ, ଅଶୋକ ସିଂ ଓ ସୂର୍ଯ୍ୟ ମିଶ୍ରଙ୍କ ପୁସ୍ତକ ସମେତ ଅନୁଷ୍ଠାନର କବିତା ମୁଖପତ୍ର 'କବିତା-୨୦୨୪' ଓ ସାହିତ୍ୟ ପର୍ବର ସ୍ମରଣିକା 'ଆସର' ଲୋକାର୍ପିତ ହୋଇଥିଲା।



**ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି**

# ଆଲୋକରେ ଝଲସୁଛି ଲିଙ୍ଗରାଜ ମନ୍ଦିର

ଭୁବନେଶ୍ୱର,୨୨।୨(ସମିସ):



ଆସନ୍ତା ବୁଧବାର ମହାଶିବରାତ୍ରୀ। ଏଥିପାଇଁ ଶହ ଶହ ଭକ୍ତ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ଆସିବେ। ଶ୍ରୀଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମନ୍ଦିର ପାଚେରି, ଯଜ୍ଞମଣ୍ଡପ, ଭୋଗ ମଣ୍ଡପକୁ ମଧ୍ୟ ରଙ୍ଗୀନ୍ ଆଲୋକରେ ସଜାଯାଇଛି। ଯାହାଫଳରେ ଝଲସୁଛି ମନ୍ଦିର। ମହାଶିବରାତ୍ରୀ ଦିନ ଅଧିକ ଶ୍ରଦ୍ଧାଳୁ ମନ୍ଦିରକୁ ଆସିବାର ଆଶଙ୍କା ଥିବାରୁ ଦୁଇଟି ବ୍ୟାରିକେଡ୍ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ସିଂହଦ୍ୱାର ନିକଟରୁ ଗଙ୍ଗା ଯମୁନା ମନ୍ଦିର ପର୍ଯ୍ୟନ୍ତ ବ୍ୟାରିକେଡ୍ କାମ ଜୋର୍‌ସୋର୍ ଚାଲିଛି। ଏହା ଉପରେ କପଡ଼ା ଲଗାଯିବା ସହ ଗରମରୁ ରକ୍ଷା ପାଇଁ ସ୍ଥାନେ ସ୍ଥାନେ ଫ୍ୟାନ୍ ଲଗାଯିବ। ସେହିପରି ମନ୍ଦିର ସମ୍ମୁଖ ଉଭୟ ପାଶ୍ୱର୍ ଖାଲିଥିବା ସ୍ଥାନରେ ଛାମୁଣ୍ଡିଆ କରାଯିବ। ଟାଣ ଖରାରେ ବିଶ୍ରାମ ପାଇଁ ଏହା କରାଯିବ। ସେହିପରି ମନ୍ଦିର ସମ୍ମୁଖରେ ସୌନ୍ଦର୍ଯ୍ୟ କାର୍ଯ୍ୟରେ କିଛି ଦିନ ତଳେ ବାହାର କରାଯାଇଥିବା ପେଭର୍ ବ୍ଲକ୍ ପୁଣି ପକାଯାଉଛି। ଅନ୍ୟପଟେ ମନ୍ଦିର ଭିତରେ ବାହାରେ ତଳେ ଧଳା ରଙ୍ଗ ବୋଳା ଆରମ୍ଭ ହୋଇଛି। ଭକ୍ତମାନେ ଟାଣ ଖରାରେ ଠିଆ ହେବା ପରେ ପାଦ ଫୋଟକାରୁ ରକ୍ଷା ପାଇଁ ଧଳା ରଙ୍ଗ ବୋଳା ଆରମ୍ଭ କରାଯାଇଛି। ଏଥିସହିତ ଅସ୍ଥାୟୀ ପରିଶ୍ରାଗାର, ପାନୀୟଜଳ ଯୋଗାଣ, ପାଣି ସିଞ୍ଚନ, ଅସ୍ଥାୟୀ ଜୋତା ଷ୍ଟାଣ୍ଡ, ୧ କିଲୋମିଟର ପର୍ଯ୍ୟନ୍ତ ସିସିଟିଭି ଆଦି ଲଗାଯିବାର ବ୍ୟବସ୍ଥା କରାଯାଉଛି।

# ଖାଲଖମାରେ ଭର୍ତ୍ତି ତଳଗଡ଼ ମୁଖ୍ୟ ରାସ୍ତା

ହଂସପାଳ,୨୨।୨(ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତା ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତଳଗଡ଼ ଗ୍ରାମର ମୁଖ୍ୟ ରାସ୍ତା ଏବେ ଖାଲଖମାରେ ଭର୍ତ୍ତି। ଅସରାଏ ବର୍ଷା ହୋଇଗଲେ ଆଣ୍ଠୁଏ ଉଚ୍ଚର ପାଣି ସହ ରାସ୍ତା କାଦୁଅ ହୋଇଯାଉଛି। ଛୋଟ ଛୋଟ ପିଲାଙ୍କ ସ୍କୁଲ ଯିବାଆସିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୟସ୍କ ଲୋକମାନେ ମଧ୍ୟ ରାସ୍ତାରେ ଚାଲିକରି ଯିବା କଷ୍ଟକର ହୋଇପଡ଼ିଛି। ରାସ୍ତାର ପ୍ରସ୍ଥ ୩୦ ଫୁଟ୍ ଥିବାବେଳେ ଡ୍ରେନେଜ୍ ଆଉ ରାସ୍ତା ନ ଥିବା ହେତୁ ସାଧାରଣ ଲୋକ ପ୍ରତିଦିନ ଯନ୍ତ୍ରଣା ଭୋଗୁଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ବାରମ୍ବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡ଼ି ଯାତାୟାତ କରିବା ସହ ଛୋଟ ଛୋଟ ଦୁର୍ଘଟଣାମାନ ଘଟୁଛି। ଆଗାମୀ ଦିନରେ ଯଦି ଏହି ରାସ୍ତାର ଉନ୍ନତୀକରଣ ସହ ଡ୍ରେନେଜ୍ ବ୍ୟବସ୍ଥା ଜଲ୍‌ଦି କରାନଯାଏ; ତାହେଲେ ହଂସପାଳ ଅଭୟମୁଖୀ ପୂର୍ତ୍ତ ବିଭାଗ ରାସ୍ତା ବନ୍ଦ କରାଯିବା ସହ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।





# ସୈନିକ ସ୍କୁଲ ସ୍ଥାନାନ୍ତରକୁ ବିରୋଧ

## ଓଡ଼ିଶା ଅଭିଭାବକ ମହାସଂଘ ସହ ସାମିଲ୍ ହେଲେ ସୈନିକ ସ୍କୁଲ ଅଭିଭାବକ ସଂଘ ଓ ସ୍ଥାନୀୟ ଜନସାଧାରଣ

ଭୁବନେଶ୍ୱର,୨୨।୨(ସମିସ): ସୈନିକ ସ୍କୁଲ୍ ସ୍ଥାନାନ୍ତର ଚକ୍ରାନ୍ତକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ଧୀରେ ଧୀରେ ଆନ୍ଦୋଳନ ଦାନା ବାନ୍ଧିଲାଣି। ଗୋଟିଏ ପରେ ଗୋଟିଏ ସଂଗଠନ ଏଭଳି ନିଷ୍ପତ୍ତିକୁ ବିରୋଧ କରି ସାମ୍ନାକୁ ଆସୁଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ଏହାକୁ ବିରୋଧ କରୁଥିଲାବେଳେ ଶନିବାର ସୈନିକ ସ୍କୁଲ ଅଭିଭାବକ ସଂଘ ଏବଂ ସ୍ଥାନୀୟ ଲୋକେ ଏଥିରେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ଗାଡ଼କଣ, ରଙ୍ଗମାଟିଆଠାରୁ ଆଚାର୍ଯ୍ୟ ବିହାର ଅଞ୍ଚଳବାସୀଙ୍କୁ ନେଇ 'ଆମ ସୈନିକ ସ୍କୁଲ ବଞ୍ଚାଅ' ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। କିଛିଦିନ ତଳେ ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ପ୍ରସଙ୍ଗ ଗୃହେରେ ଉଠାଇଥିଲେ। ସେ କହିଥିଲେ, ଭୁବନେଶ୍ୱର ସୈନିକ ସ୍କୁଲ୍ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଓଡ଼ିଆଙ୍କ ବୀରତ୍ୱର ଏହାର ପ୍ରତୀକ। ଏହାକୁ ଶ୍ରୀହୀନ କରିବା ପାଇଁ ଚକ୍ରାନ୍ତ ଚାଲିଛି। ଏଠାରୁ ସହର ଉପକଣ୍ଠକୁ ସ୍କୁଲ୍‌କୁ ସ୍ଥାନାନ୍ତର କରିବାକୁ ମୁଖ୍ୟ ଶାସନ ସଚିବ ଚିଠି ଲେଖିଛନ୍ତି। ଏହି ଚକ୍ରାନ୍ତରେ



ସରକାରଙ୍କ ସହ କିଛି ବିଲ୍ଡର ମଧ୍ୟ ହାତ ମିଳାଇଛନ୍ତି। ଏହାଦ୍ୱାରା ଭୁଲ୍ ବାର୍ତ୍ତା ଯାଉଛି। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଗୃହରେ ସ୍ପଷ୍ଟୀକରଣ ଦିଅନ୍ତୁ। ମୁଖ୍ୟ ଶାସନ ସଚିବ ତାଙ୍କ ଚିଠିକୁ ପ୍ରତ୍ୟାହାର କରିନିଅନ୍ତୁ ବୋଲି ଶ୍ରୀ ସ୍ୱାଇଁ ଦାବି କରିଥିଲେ।

ସୂଚନାଯୋଗ୍ୟ, ପୂର୍ତ୍ତ ବିଭାଗ ଏଠାରେ ଏକ ରାସ୍ତା ନିର୍ମାଣ କରିବାକୁ ଚାହୁଁଛି। ଏହାକୁ ଆଳକରି ସ୍କୁଲକୁ ଏଠାରୁ ଉଠାଇଦେବାକୁ ଯୋଜନା କରାଯାଉଥିବା ନେଇ ଅଭିଯୋଗ ହେଉଛି। ହେଲେ ପ୍ରକୃତ ଉଦ୍ଦେଶ୍ୟ କିନ୍ତୁ କିଛି ଅଲଗା ବୋଲି ସନ୍ଦେହ କରାଯାଉଛି। ସହର ମଝିରେ ଥିବା ଏହି ମୂଲ୍ୟବାନ ଜମିକୁ ପ୍ରଭାବଶାଳୀଙ୍କ ହାତରେ ଟେକି ଦେବାକୁ ଯୋଜନା କରାଯାଉଛି ବୋଲି ବୁଦ୍ଧିଜୀବୀମାନେ ସନ୍ଦେହ କରୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗତ ଜାନୁଆରୀ ୨୮ରେ କେନ୍ଦ୍ର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂଙ୍କୁ ପତ୍ର ଲେଖି ସୈନିକ ସ୍କୁଲ୍ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅନୁରୋଧ କରିଥିଲେ ବୋଲି ଚର୍ଚ୍ଚା ହେଉଛି। ଏହା ପଛରେ ସରକାର ଯୁକ୍ତି ରଖିଛନ୍ତି ଯେ ସହରୀକରଣ ବଢୁଥିବାରୁ ସୈନିକ ସ୍କୁଲ ଏବେ ରାଜଧାନୀର ମଧ୍ୟ ଭାଗରେ ରହିଛି। ତେଣୁ ତାହାକୁ ସହର ବାହାରକୁ ସ୍ଥାନାନ୍ତର କରିବାର ଆବଶ୍ୟକତା ରହିଛି। ଯେଉଁଠାରେ ଛାତ୍ରଛାତ୍ରୀଙ୍କ କ୍ରୀଡ଼ା, ଶିକ୍ଷା ସମେତ ଅନ୍ୟାନ୍ୟ କାର୍ଯ୍ୟକଳାପ ସୁଗମ ହୋଇପାରିବ। ଏଭଳି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ଜଣାପଡ଼ିଛି। ଭୁବନେଶ୍ୱର ଗାଡ଼କଣଠାରେ ୧୯୬୨ ମସିହାରୁ ସୈନିକ ସ୍କୁଲ ଚାଲି ଆସୁଛି। ଏଠାରୁ ବହୁତ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ତଥା ବହୁତ ରାଜନେତା ସୃଷ୍ଟି କରିବାର ଗୌରବ ବହନ କରି ଆସୁଛି। ଶତାଧିକ ସହିଦଙ୍କ ପାଇଁ ଏଠାରେ ଆମର ଯବାନ ଜ୍ୟୋତି ନିର୍ମାଣ କରାଯାଇଛି। ଏପରି ଏକ ନାମକରା ଶିକ୍ଷାନୁଷ୍ଠାନକୁ ପ୍ରଥମେ ୨୨୪ ଏକର ଜମି ଦିଆଯାଇଥିଲା। ପରେ ସେଥିରୁ କିଛି ଅଂଶ କାଢ଼ି ନିଆଯାଇ ୧୯୪ ଏକର ହୋଇଗଲା। ମାତ୍ର ବର୍ତ୍ତମାନ ୧୪୨ ଏକର ଜମିରେ ସୈନିକ ସ୍କୁଲ ଚାଲୁଛି। ରାସ୍ତା ସମ୍ପ୍ରସାରଣ ଆଳରେ ତଥା ଡମ୍ପିଙ୍ଗ୍ ୟାର୍ଡ ସମ୍ପ୍ରସାରଣ ପାଇଁ ତଞ୍ଚକତା କରାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଣୁ ସହରରୁ ୩୦ କି.ମି. ଦୂରକୁ ଚନ୍ଦକା, ଆଇଆଇଟି ଓ ନାଇଜର ପାଖକୁ ଉଠାଇନେବାକୁ ଯୋଜନା କରାଯାଉଛି। ଶନିବାର ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, ଉପଦେଷ୍ଟା ମାନବାଧିକାର କର୍ମୀ ମନୋଜ ଜେନା, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ମହାସଚିବ ଅଶୋକ ପାଇକରାୟ, ସୈନିକ ସ୍କୁଲ ଅଭିଭାବକ କମିଟିର ଆଶୁତୋଷ ମିଶ୍ର, ରାମଚନ୍ଦ୍ର ଜେନା, ଗାଡ଼କଣ ଗାଁ ପୂର୍ବତନ ସଭାପତି କିଶୋର ଜେନା, ଗଗନ ପଣ୍ଡା, ଭୁବନେଶ୍ୱର ଉନ୍ନୟନ ପରିଷଦର ସମ୍ପାଦକ ପ୍ରଦୀପ ତରାଇ, ମନୋରଞ୍ଜନ ପରିଡ଼ା, ବିପିନ ବିହାରୀ ପାତ୍ର, ସୁବ୍ରତ ସାହୁ, ରଶ୍ମି ରଞ୍ଜନ ପରିଡ଼ା ପ୍ରମୁଖ ବିରୋଧ ପ୍ରଦର୍ଶନ କରିଛନ୍ତି।

## ଫେଶନ ଟ୍ରେଣ୍ଡିଂ

### ମହିଳାଙ୍କ ଆଦର ରାଜସ୍ଥାନୀ ଚୁରା

ଫେଶନ କେବଳ ଯୁବପିଢ଼ିଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ। ଛୋଟରୁ ବଡ଼ ସମସ୍ତେ ଫେଶନ୍‌କୁ ନେଇ ଆଗଭର। ଏଥିସହିତ ମହିଳାମାନେ ମଧ୍ୟ ସେମାନଙ୍କ ସଜବାଜକୁ ନେଇ ଯତ୍ନଶୀଳ। ଶାଢ଼ିଠାରୁ ଆରମ୍ଭ କରି ଚୁଡ଼ି ପର୍ଯ୍ୟନ୍ତ ସବୁଥିରେ ବାଛବିଚାର କରି ନିଜକୁ ସଜାଇଥା'ନ୍ତି। ବାହାଘର ହେଉ କି ବ୍ରତଘର କିମ୍ବା ଅନ୍ୟ କିଛି କାର୍ଯ୍ୟକ୍ରମ ସବୁଥିରେ ଏବେ ମହିଳାମାନେ ଚୁରା ବ୍ୟବହାର କରୁଛନ୍ତି। ପାଟଶାଢ଼ି, ଲେହେଙ୍ଗା, ଶାଲୱାର ଆଦିରେ ମହିଳାମାନେ



ଏହି ଚୁରାକୁ ପିନ୍ଧୁଛନ୍ତି। ରାଜସ୍ଥାନରୁ ଆସୁଥିବା ଚୁରାକୁ ଏବେ ସବୁ ବର୍ଗର ମହିଳା ପସନ୍ଦ କରୁଛନ୍ତି। ରାଜଧାନୀରେ ରାଜସ୍ଥାନୀ ଚୁରାର ଆଦର ବହୁତ ରହିଛି। ବିଶେଷ କରି ବାହାଘର ସମୟରେ ଝିଅମାନେ ଏହି ଚୁରାକୁ ନେଉଥିବାବେଳେ ମହିଳାମାନେ ମଧ୍ୟ ଏହି ଚୁରା ବ୍ୟବହାରରୁ ବାଦ୍ ପଡ଼ିନାହାନ୍ତି। ମାର୍କେଟ୍ ବିଲ୍ଡିଂରେ ଥିବା ସବୁ ଚୁଡ଼ି ଦୋକାନରେ ରାଜସ୍ଥାନୀ ଚୁରାର ସ୍ଥାନ ସ୍ୱତନ୍ତ୍ର ରହିଛି। ୩୦୦ ଟଙ୍କାରୁ ଆରମ୍ଭ ହୋଇ ୧୫୦୦ ଟଙ୍କା ପର୍ଯ୍ୟନ୍ତ ଦାମ୍ ରହିଛି। ବାହାଘର ସମୟରେ ଅଧିକ ବିକ୍ରି ହେଉଛି ବୋଲି ଦୋକାନୀ ରାଧେଶ୍ୟାମ ପାତ୍ର କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି, ଚୁରା ସବୁ ରାଜସ୍ଥାନରୁ ଆସୁଛି। ବଡ଼ ଚୁରା ସହିତ ଛୋଟ ଚୁରା ମିଶିକି ରହିଥିବାରୁ ପିନ୍ଧିଲେ ହାତ ପୂରିକି ରହିଥାଏ। ଫଳରେ ଆଉ ଅଲଗା ଚୁଡ଼ି କିଛି ପିନ୍ଧିବାକୁ ପଡ଼ି ନ ଥାଏ ବୋଲି କହିଛନ୍ତି। ଏନେଇ ଗ୍ରାହକ ଦୀପ୍ତିରାଣୀ କୁହନ୍ତି, ଆଗରୁ ଚୁଡ଼ି ସହିତ ଅନ୍ୟ ବାଙ୍ଗେଲ୍ କିଣି ଆଣିବାକୁ ପଡୁଥିଲା। ହେଲେ ଚୁରାରେ ସବୁ ଏକା ସହିତ ମିଶିକି ରହୁଛି। ଆଉ ଅନ୍ୟ ଚୁଡ଼ି ଉପରେ ନିର୍ଭର କରିବାକୁ ପଡୁନାହିଁ ବୋଲି ସେ କହିଛନ୍ତି।

## ଆଇନ ସଚେତନତା ଶିବିର ଅନୁଷ୍ଠିତ

ଭୁବନେଶ୍ୱର,୨୨।୨(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଖୋର୍ଦ୍ଧା, ଭୁବନେଶ୍ୱର ଆନୁକୂଲ୍ୟରେ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୋକ୍ସୋ ଆକ୍ଟ ସମ୍ବନ୍ଧିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଅତିରିକ୍ତ ଜିଲ୍ଲା ଜଜ୍ ବନ୍ଦନା କର ଯୋଗଦେଇ ଆଇନରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥା ସମ୍ପର୍କରେ ସମବେତ ମହିଳା ଏବଂ ଜନସାଧାରଣଙ୍କୁ ସୂଚନା ଦେବା ସହ ଏଥିରେ ଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଦେବୀ ପ୍ରସାଦ ମହାନ୍ତି, ଡିଏସ୍‌ଡବ୍ଲୁଓ କୁସୁମ କୁମାରୀ ପ୍ରହରାଜ, ଡିସିପିଓ ବାସନ୍ତୀ ପଟ୍ଟନାୟକ, ସାର୍ଟିଫିକେଟ୍ ଅଫିସର ସ୍ମିତା ରଥ ଯୋଗଦେଇ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବହୁ ଉପାଦେୟ ମାର୍ଗଦର୍ଶିକା ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଲୋମି ସାହୁ ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଏହାର ଉପକାରିତା ସମ୍ପର୍କରେ ସୂଚନା ଦେବା ସହ ଅନେକ ସମାଜ ଉପଯୋଗୀ ମତାମତ ପ୍ରଦାନ କରିଥିଲେ।

## ଶ୍ରୀମାଙ୍କ ଜୟନ୍ତୀରେ ବିଭିନ୍ନ ପ୍ରତିଯୋଗିତା

ହଂସପାଳ,୨୨।୨(ସମିସ): ଆସ୍ଥା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଶ୍ରୀମାଙ୍କ ଜନ୍ମଦିନ ଅବସରରେ ଏକ ଜାତୀୟସ୍ତରୀୟ ବାଗ୍ମିତା ପ୍ରତିଯୋଗିତାର ନବମ ସଂସ୍କରଣ 'ଯୁଗ୍ମ' ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଏହି ପ୍ରତିଯୋଗିତାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଥିଲେ। ପ୍ରଥମ ଦିବସରେ



ମୁଖ୍ୟ ଉପଦେଷ୍ଟା ଭାଗିରଥି ମହାପାତ୍ର ଶିକ୍ଷାର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ କର୍ମଯୋଗ ଆଧାରରେ ସମାଜ ଗଠନର ପରିକଳ୍ପନା କରାଯାଇପାରେ ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଦିବସରେ ନ୍ୟୁ ଲାଇଫ୍ ଏଜୁକେସନ ଟ୍ରଷ୍ଟର ସମ୍ପାଦକ ପ୍ରସାଦ ତ୍ରିପାଠୀ, ନାଲ୍‌କୋର ପୂର୍ବତନ ନିର୍ଦ୍ଦେଶକ ଡ. ଅମିୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୩ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ଏବଂ ନଗଦ ଆକାରରେ ୨୫ହଜାର, ୧୫ହଜାର, ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆଉ ଦୁଇଜଣ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ଉଚ୍ଚଶିକ୍ଷାରେ ଆଧ୍ୟାତ୍ମିକତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ବିଜେତା ଭାବେ ସୌମ୍ୟରଞ୍ଜନ ଦୀକ୍ଷିତ, ଦ୍ୱିତୀୟରେ ସୌମ୍ୟ ଅଗ୍ରୱାଲ ଏବଂ ଅୟସକାନ୍ତ ବଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତିଙ୍କ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର,୨୨।୨(ସମିସ): ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତଥା ମୟୂରଭଞ୍ଜର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧ ଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହା ସହିତ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସମ୍ମିଳନୀର ଉପଦେଷ୍ଟା ପଦ୍ମଚରଣ ନାୟକ, ସଭାପତି ଅନନ୍ତ ପ୍ରସାଦ ଜେନା, ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ପ୍ରବୀର ମହାନ୍ତି, ବିରଜା ପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## କିଟ୍‌ରେ ଡ୍ୟାମ୍ ସୁରକ୍ଷା ଓ ପରିଚାଳନା ସମ୍ପର୍କିତ କର୍ମଶାଳା



ଭୁବନେଶ୍ୱର,୨୨।୨(ସମିସ): ଡ୍ୟାମ୍ ସୁରକ୍ଷା ଓ ପରିଚାଳନା ଉପରେ କିଟ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ କର୍ମଶାଳା ଆଇଡବ୍ଲୁଡିଏସ୍-୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ପି.କେ. ଜେନା ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ସର୍ବାଧିକ ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ନିଜ ପ୍ରଶାସନିକ ଅଭିଜ୍ଞତାରୁ ଉଲ୍ଲେଖ କରି ସେ କହିଲେ, ନଦୀବନ୍ଧର ସ୍ଥାୟିତ୍ୱ ମୂଲ୍ୟାଙ୍କନ କରିବାବେଳେ ଭୂକମ୍ପ ଭଳି ସମ୍ଭାବ୍ୟ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା ପାଇଁ ଇଞ୍ଜିନିୟରଙ୍କ ସହ ପ୍ରାକ୍ ସାବଧାନତା ଉପରେ ଆଲୋଚନା କରାଯାଇଥାଏ। ଓଡ଼ିଶାର ଉପର ମୁଣ୍ଡରେ ଥିବା ଜଳ ଭଣ୍ଡାରରୁ ପ୍ରବଳ ମୌସୁମୀ ଜଳ ପ୍ରବାହକୁ ଦୃଷ୍ଟିରେ ରଖି ନଦୀବନ୍ଧ ସୁରକ୍ଷା ରାଜ୍ୟ ପାଇଁ ସର୍ବୋଚ୍ଚ ପ୍ରାଥମିକତା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଡି ଆଣ୍ଡ ଆର୍ ସଦସ୍ୟ ତଥା ଭାରତ ସରକାରଙ୍କ ଅତିରିକ୍ତ ସଚିବ ଭୋପାଳ ସିଂହ କହିଲେ, ଭାରତରେ ୬୬୧୫ଟି ବଡ଼ ଡ୍ୟାମ୍ ରହିଥିବାବେଳେ ଏ କ୍ଷେତ୍ରରେ ବିଶ୍ୱରେ ଭାରତ ୩ ନମ୍ବରରେ ରହିଛି। ତେଣୁ ଏହିସବୁ ନଦୀବନ୍ଧର ସୁରକ୍ଷା କ୍ଷେତ୍ରରେ ଅତ୍ୟାଧୁନିକ ସୁରକ୍ଷା ପଦକ୍ଷେପ ନିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ଓ ଆଇଆଇଟି ଗୌହାଟୀର ଟେକ୍ନୋଲୋଜି ଇନୋଭେସନ୍ ହବ୍ ମିଳିତ ଆନୁକୂଲ୍ୟରେ ୩ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ଜାତୀୟ ଏବଂ ଅନ୍ତର୍ଜାତୀୟ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଜରୁରୀକାଳୀନ କାର୍ଯ୍ୟ ଯୋଜନା ଏବଂ ଡ୍ୟାମ୍ ସୁରକ୍ଷା ପାଇଁ ଅଭିନବ ସମାଧାନ ଉପରେ ଆଲୋଚନା ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ବ୍ୟାଙ୍କର ଡ. ରାଜଗୋପାଳ ସିଂହ, ସିଡବ୍ଲୁସିର ପୂର୍ବତନ ଅଧ୍ୟକ୍ଷ ଏ.ବି. ପାଣ୍ଡ୍ୟାଙ୍କ ସମେତ ବହୁ ବିଶେଷଜ୍ଞ ଯୋଗଦେଇଛନ୍ତି।

### ତବଲା ଅଧ୍ୟାପକ ବିନୋଦ ବିହାରୀଙ୍କ ନିଆରା ପ୍ରୟାସ

## ହଜିଯାଇଥିବା ପୌରାଣିକ ବାଦ୍ୟ 'ତ୍ରିପୁଷ୍କର'ର ନୂଆ ରୂପ

ଭୁବନେଶ୍ୱର,୨୨।୨(ସମିସ): ପୂର୍ବକାଳରେ ମୃଦଙ୍ଗ ବା ତ୍ରିପୁଷ୍କର ମୁଖ୍ୟତଃ କୀର୍ତ୍ତନରେ ବ୍ୟବହୃତ ହେଉଥିବା କିମ୍ବଦନ୍ତୀରୁ ଜଣାଯାଏ। କିନ୍ତୁ ତବଲାର ପ୍ରଚଳନ ପରେ ଏହାର ବ୍ୟବହାର ସୀମିତ ହୋଇଗଲା। ତ୍ରିପୁଷ୍କର ବା ମୃଦଙ୍ଗ ମାଟି ନିର୍ମିତ ଏକ ଖୋଳ। ବାମ ଏବଂ ଦକ୍ଷିଣ ପାର୍ଶ୍ୱରେ ଖଳି ବା କିରଣ ପ୍ରଲେପ କରାଯିବା ସହ ଦୁଇ ପାର୍ଶ୍ୱର ଛପରକୁ ବଧି ବା ଗଛ ଦ୍ୱାରା ବନ୍ଧା ହୋଇଥାଏ। ଧୀରେ ଧୀରେ ତା'ର ପ୍ରସ୍ତୁତିରେ ପରିବର୍ତ୍ତନ ଆସି କେତେକାଂଶରେ ସେହି ବାଦ୍ୟକୁ ମାଟି ବଦଳରେ କାଠରେ ମଧ୍ୟ ପ୍ରସ୍ତୁତ କଲେଣି। ହେଲେ ଏହାରି ମଧ୍ୟରେ ତା'ର ପ୍ରକୃତ ପ୍ରସ୍ତୁତି ହଜିବାକୁ ବସିଲାଣି। ବର୍ତ୍ତମାନ ସମୟରେ ମାଟିରୁ ପ୍ରସ୍ତୁତ ସେହି ତ୍ରିପୁଷ୍କର ବାଦ୍ୟ ଆଉ ଦେଖିବାକୁ ମିଳୁନାହିଁ। ଏନେଇ ସଂଗୀତ ମହାବିଦ୍ୟାଳୟର ତବଲା ବିଭାଗର ଅଧ୍ୟାପକ ବିନୋଦ ବିହାରୀ ରାଉତ ତାଙ୍କ ପ୍ରୟାସରେ ହଜିଯାଇଥିବା ପୂର୍ବକାଳର ସେହି



ନିର୍ମାଣରେ ଲାଗିଛି ଦେଢ଼ ବର୍ଷ

ତ୍ରିପୁଷ୍କର ବାଦ୍ୟକୁ ପୁନଃ ପ୍ରସ୍ତୁତି କରି ଦେଖାଇଛନ୍ତି। ଏଥିପାଇଁ ତାଙ୍କୁ ଦେଢ଼ ବର୍ଷ ପାଖାପାଖି ସମୟ ଲାଗିଥିଲା। ଏହାର ପ୍ରସ୍ତୁତି ଦିଗରେ ଦୀର୍ଘ ୧୦ ବର୍ଷ କାଳ ଗବେଷଣା କଳାପରେ ତାଙ୍କ ପ୍ରୟାସରେ ସେ ସଫଳ ହୋଇପାରିଛନ୍ତି। ଏହି ବାଦ୍ୟ ଐତିହାସିକ ପୃଷ୍ଠଭୂମି ରକ୍ଷାକରି ନିର୍ମିତ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି।

ଏହି ତ୍ରିପୁଷ୍କର ବାଦ୍ୟଯନ୍ତ୍ରର ଇତିହାସକୁ ନେଇ ସେ କହିଥିଲେ, ଇତିହାସ ଦୃଷ୍ଟିରୁ ଦେଖିଲେ ଆଚାର୍ଯ୍ୟ ଭରତକୃତ ନାଟ୍ୟଶାସ୍ତ୍ରରେ ସର୍ବପ୍ରଥମେ ମୃଦଙ୍ଗର ଆକାର, ପ୍ରକାର ତଥା ଶୈଳୀର ବିଶେଷ ବର୍ଣ୍ଣନା ମିଳିଥାଏ। ମୃଦଙ୍ଗକୁ ତ୍ରିପୁଷ୍କର କହି ତାହାର ତିନିଟି ଅଙ୍ଗର ବିସ୍ତୃତ ବିବେଚନା କରିଛନ୍ତି। ଯଥା- ଅଙ୍କିକ, ଊର୍ଦ୍ଧକ ଓ ଆଲିଙ୍ଗ୍ୟ। ଏହାର ସମାହାରରେ ଗଠିତ ହୁଏ ତ୍ରିପୁଷ୍କର। ତ୍ରିପୁଷ୍କରର ଅତ୍ୟନ୍ତ ସ୍ପଷ୍ଟ ଶିଳ୍ପଚିତ୍ର ଦ୍ୱିତୀୟ ଶତାବ୍ଦୀର ଅମରାବତୀର ଭିତ୍ତିଚିତ୍ରରେ, ପଞ୍ଚମ



ଶତାବ୍ଦୀରେ ପବାୟର ଶିଳ୍ପରେ, ଷଷ୍ଠ ତଥା ସପ୍ତମରେ ଓଡ଼ିଶାର ଭୁବନେଶ୍ୱର ମୁକ୍ତେଶ୍ୱର ମନ୍ଦିର ଆଦିରେ ତ୍ରିପୁଷ୍କରର ଅତ୍ୟନ୍ତ ସୁସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ। ଏହି ବାଦ୍ୟକୁ ଅନ୍ୟ ସମସ୍ତ ବାଦ୍ୟର ମୂଳ ବୋଲି ମଧ୍ୟ କୁହାଯାଏ। ଏହାକୁ ପ୍ରଭୁ ଶିବ ଏବଂ ଗଣେଶ ସବୁବେଳେ ବ୍ୟବହାର କରୁଥିବା କିମ୍ବଦନ୍ତୀରୁ ଜାଣିବାକୁ ମିଳେ ବୋଲି ବିନୋଦ ବିହାରୀ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ସମୟରେ ତାଙ୍କ ପ୍ରସ୍ତୁତ ତ୍ରିପୁଷ୍କର ବାଦ୍ୟ ସେ ନିଜ ଘରେ ରଖିଛନ୍ତି। ହେଲେ ଏହାକୁ ସେ ପରବର୍ତ୍ତୀ ସମୟରେ ସଂଗ୍ରହାଳୟକୁ ଦେଇ ଭବିଷ୍ୟତ ପିଢ଼ିକୁ ଲୋପ୍ ପାଇଯାଉଥିବା ଏହି ପୌରାଣିକ ବାଦ୍ୟ ସହ ପରିଚିତ କରାଇବାକୁ ଆଶା ରଖିଛନ୍ତି।

## ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀଙ୍କ ରାଜ୍ୟସ୍ତରୀୟ ବିକ୍ଷୋଭ

ଭୁବନେଶ୍ୱର,୨୨।୨(ସମିସ): ଏଆଇଟିୟୁସି ସଂଯୁକ୍ତ ଅଖିଳ ଭାରତ ଅଙ୍ଗନବାଡ଼ି କର୍ମୀ ଫେଡେରେସନର ରାଜ୍ୟସ୍ତରୀୟ ପ୍ରତିବାଦ ଦିବସ ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଇଣ୍ଡିଆ ଅଙ୍ଗନବାଡ଼ି ୱାର୍କର୍ସ ଫେଡେରେସନର ଦୁଇଦିନ ଧରି ଜାତୀୟ ପରିଷଦ ବୈଠକ ଅନୁଷ୍ଠିତ ହେବା ଅବସରରେ ଶନିବାର ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଦେଶର କୋଟି କୋଟି ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ ଶିଶୁଙ୍କ ପୁଷ୍ଟିହୀନତା ଦୂରୀକରଣ ପାଇଁ ଦେଶର ସର୍ବ ପୁରାତନ ସ୍କିମ୍ ଆଇସିଡିଏସ୍‌କୁ ଧ୍ୱଂସ କରିବା ପାଇଁ ଲଦାଯାଇଥିବା ଜାତୀୟ ଶିକ୍ଷାନୀତି-୨୦୨୦ର ବୋଝ ଆଇସିଡିଏସ୍ ଉପରୁ ହଟାଇବା, ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଅଙ୍ଗନବାଡ଼ି ୱାର୍କର୍ସଙ୍କୁ ଶିକ୍ଷକ ମାନ୍ୟତା ସହ ଶିକ୍ଷକମାନଙ୍କ ସହ ସମାନ ବେତନ ଓ ଅନ୍ୟାନ୍ୟ ସୁବିଧା ଦେବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଭିତ୍ତିରେ ଅଙ୍ଗନବାଡ଼ି କାର୍ଯ୍ୟକର୍ତ୍ତାଙ୍କୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସୁବିଧା, କର୍ମଚାରୀ ରାଜ୍ୟ ବୀମା ସୁବିଧା ଓ ଗ୍ରାଚ୍ୟୁଇଟି ପ୍ରଦାନ କରିବା ଦାବିରେ ବିଶାଳ ବିକ୍ଷୋଭ ସମାବେଶ ହୋଇଥିଲା। ଏଆଇଟିୟୁସି ରାଜ୍ୟ ସଭାପତି ତଥା ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ରାଜ୍ୟ ସଭାପତି କମ୍ରେଡ୍ ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଆଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ଜାତୀୟ ସମ୍ପାଦକ ଶ୍ୟାମ କାଲେ, ଅଲ୍ ଇଣ୍ଡିଆ ଅଙ୍ଗନବାଡ଼ି ୱାର୍କର୍ସ ଫେଡେରେସନର ସର୍ବଭାରତୀୟ ସାଧାରଣ ସମ୍ପାଦକ ମାଧୁରୀ କ୍ଷୀରସାଗର, ଆଇଏନ୍‌ଟିୟୁସିର ସର୍ବଭାରତୀୟ ଉପସଭାପତି ଡ. ରାମ ଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ଶ୍ରମ ଓ ମହିଳା ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିବାବେଳେ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ହରପ୍ରିୟା ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ।



